## ଭୋଗରାଇ କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# 'ବିକାଶ କାର୍ଯ୍ୟ କରିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ'

ବାଲେଶ୍ୱର(ଉତ୍ତର),୧୬।୬ (ସମିସ)



ରାଜ୍ୟ ସରକାର ଦୁଇ ବର୍ଷର ପୂର୍ତ୍ତିଉତ୍ସବ ପାଳନ କରି ନିଜର ସଫଳତା ବଖାଣୁଛନ୍ତି। ହେଲେ ସମଗ୍ର ରାଜ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ଜଳସେଚନ, ଚାଷୀ କୂଳର ସମସ୍ୟା, ବିଦ୍ୟୁତ, ପର୍ଯ୍ୟଟନ, ନାରୀ ସୁରକ୍ଷା ଓ ଉନ୍ନୟନ ମୂଳକ ଯୋଜନାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଜଳେଶ୍ୱରପୁରସ୍ଥିତ କଂଗ୍ରେସ ଭବନ ଠାରେ ଦଳ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ରାଜ୍ୟ ର ବିଜେପି ସରକାରଙ୍କ ବିରୋଧରେ ଗର୍ଜିଛନ୍ତି। ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନା ଯୋଗଦେଇ କହିଥିଲେ ଯେ ନାରୀ ଆଜି ଅସୁରକ୍ଷିତ, ନିର୍ଯ୍ୟାତିତ ଓ ଉତ୍ପୀଡିତ ହେଉଥିବାବେଳେ ମେଧାବୀ ଛାତ୍ରଛାତ୍ରୀଙ୍କ ସହିତ ଖେଳ ଖେଳି କେନ୍ଦ୍ର ଶିକ୍ଷାମନ୍ତ୍ରୀ ସେମାନଙ୍କ ଭବିଷ୍ୟତକୁ ଅନ୍ଧାକାର ମଧ୍ୟକୁ ଠେଲି ଦେଇଛନ୍ତି। ସେହିପରି ରାଜ୍ୟରେ ମଧ୍ୟ ଶିକ୍ଷାବ୍ୟବସ୍ଥା ସମ୍ପୂର୍ଣଭାବେ ଭୁଶୁଡି ପଡିଛି। ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ବୃଦ୍ଧବୃଦ୍ଧା ମାନେ ୩ ମାସ ଧରି ଡହଳ ବିକଳ ହେଉଥିବାବେଳେ ବିଜେପି ସରକାର ନିଦାବିଷ୍ଣୁ ସାଜିବା ଗରିବଙ୍କ ପ୍ରତି ସରକାର ଚରମ ଉପହାସ ବୋଲି କଂଗ୍ରେସ ଅଭିଯୋଗ କରିଛି। ମହିଳା ମାନଙ୍କୁ ମଦ ବିକ୍ରି ଲାଗି ସରକାର ଲାଇସେନ୍ସ ଦେବା ସଭ୍ୟ ସମାଜ ପାଇଁ ଘୃଣ୍ୟ ବ୍ୟବସ୍ଥା ସୃଷ୍ଟି କରାଯାଉଛି। ଏଭଳି ବ୍ୟବସ୍ଥାକୁ ଆପଣାଇ ନାରୀ ସମାଜ ପ୍ରତି ଅପମାନ କରିଛି ବିଜେପି ସରକାର। ଅନ୍ୟପକ୍ଷରେ ଦକ୍ଷିଣ ଭୋଗରାଇର ୩୨ ପଞ୍ଚାୟତର ଚାଷଜମିରୁ ପାଣି ନିଷ୍କାସନ ଯୋଜନାରେ ଅନୁମୋଦିତ ୯୯. ୭୬ ଲକ୍ଷ ଅର୍ଥ କେବଳ ଡ୍ରନ ସର୍ଭେରେ ସୀମିତ ରହିଛି। ଏତଦ୍ ଭିନ୍ନ ଚାଷ ଜମିରୁ ଉଦବୃତ୍ତ ଜଳ ନିଷ୍କାସନ ପାଇଁ ଖାଲ ଖନନ ନକରି କେବଳ ନିର୍ମାଣ କାର୍ଯ୍ୟ କାହା ସ୍ୱାର୍ଥରେ ହେଉଛି ବୋଲି କଂଗ୍ରେସ ଜବାବ ମାଗିଛି। ରବିଧାନ ବିକ୍ରି ପାଇଁ ହଜାର ହଜାର ଚାଷୀ ପଞ୍ଜିକରଣ କରିପାରି ନଥିବା ବେଳେ ମଣ୍ଡିରେ କଟନୀ ଛଟନୀ ହେଉଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଭୋଗରାଇ ଓଡ଼ିଶାର ଅନ୍ୟତମ ସର୍ବବୃହତ ବ୍ଲକ ହୋଇଥିବା ବେଳେ ଏଠାରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭୁଶୁଡି ପଡିଛି। ଏ ପର୍ଯ୍ୟନ୍ତ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଫଆରୟୁ ସିଷ୍ଟମ କାର୍ଯ୍ୟକ୍ଷମ ନ ହେବା ସହିତ ଅଲଟ୍ରାସାଉଣ୍ଡ ମେସିନ ଉପଲବ୍ଧ ନ ହେବା ଦୁଃଖ ଓ ପରିତାପର ବିଷୟ ବୋଲି କଂଗ୍ରେସ ଅଭିଯୋଗ କରିଛି। ବିଦ୍ୟୁତ ବିଭାଗର ସ୍ମାର୍ଟ ମିଟର ସଂଯୋଗ ଓ ଅଘୋଷିତ ବିଜୁଳି କାଟ ଉପଭୋକ୍ତାଙ୍କୁ ଜର୍ଜରିତ କଲାଣି। ଏ ପର୍ଯ୍ୟନ୍ତ ଉଦୟପୁର, ତାଳସାରି ଓ ଭୂଷଣ୍ଡେଶ୍ୱର ମନ୍ଦିର ବିକାଶ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଭୋଗରାଇ ବ୍ଲକରେ ଅନେକ ଗ୍ରାମରେ ପାନୀୟ ଉତ୍କଟ ଦେଖା ଦେଇଥିବା ବେଳେ ମେଗା ପାନୀୟ ଜଳ ପ୍ରକଳ୍ପ -୨ ସ୍ଥାଣୁତା ସରକାରଙ୍କ ଜନମାରଣ ନୀତି ସୃଷ୍ଟି କରୁଛି। ଉନ୍ନୟନ କାର୍ଯ୍ୟରେ ଅର୍ଥ ହରିଲୁଟ ହେଉଥିବାର କଂଗ୍ରେସ ଏଣିକି ଚୁପ ହୋଇ ବସିବ ନାହିଁ ବୋଲି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଉପସଭାପତି ପ୍ରଦୀପ କୁମାର ନାୟକ, ବରିଷ୍ଠ ନେତା ରାଧାବିନୋଦ ଦାସ, ଶିଶିର ମହାପାତ୍ର, ସରପଞ୍ଚ ମମତା ସାହୁ, ରାଜେନ୍ଦ୍ର ଦଳାଇ, ନାରୀନେତ୍ରୀ ମୀନାରାଣୀ ସୁର, ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, ସରପଞ୍ଚ ଦୀପକ ଜେନା, କାମଳଲୋଚନ ମହାପାତ୍ର, ସମିତି ସଦସ୍ୟ ମୟାଧର ଜେନା, କପିଳ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ସୋମନାଥପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ରେମୁଣା,୧୬।୬ (ସମିସ): ରେମୁଣା ଏନଏସି ଅନ୍ତର୍ଗତ ୧୩ନମ୍ବର ୱାର୍ଡ ସୋମନାଥପୁର ଠାରେ ସୋମନାଥପୁର ପାରମ୍ପରିକ ରଜ ଓ ସୋମନାଥପୁର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ସଭାକୁ ସୋମନାଥପୁର ଶାନ୍ତିକମିଟିର ସଭାପତି ଧୀରେନ୍ଦ୍ର କୁମାର ମହାପାତ୍ର ଅଧକ୍ଷତା କରିଥିବା ବେଳେ ଆମନ୍ତ୍ରିତ ଅତିଥି ବୃନ୍ଦଙ୍କ ପରିଚୟପ୍ରଦାନ ଓ ମଞ୍ଚ ଆହ୍ୱାନ କରିଥିଲେ ଶିକ୍ଷକ ଅବଦୁଲ କାଶୀମ ଖାନ। ମୁଖ୍ୟଅତିଥି ଭାବେ ରେମୁଣା ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡା, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷା ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦ ତନୁଜା ଗିରି, ସମ୍ମାନୀୟ ଅତିଥି ଭାବେ ଉପାଧ୍ୟକ୍ଷ ରେମୁଣା ବିଜ୍ଞାପିତ ଅଞ୍ଚଳ ପରିଷଦ ଆୟେସା ନ ଖାଁ ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଶାନ୍ତି କମିଟି ସମ୍ପାଦକ ସୂର୍ଯ୍ୟକାନ୍ତ ପଣ୍ଡା ରଜ ମହୋତ୍ସବ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ପୂର୍ଣ୍ଣଚନ୍ଦ୍ର ମହାଳିକ ବିବରଣୀ ପ୍ରଦାନ କରିଥିଲେ। ପହିଲି ରଜରେ ଯାତ୍ରା ମୁକ୍ତି ମଣ୍ଡପ ଦ୍ୱାରା ନାଟକ ବଡ ଦଗାଦିଆ କଳା ସାଆନ୍ତ ପାରିବେଶିତ ହୋଇଥିବା ବେଳେ ଆଜି ରାତ୍ରିର ନାଟକ ଭୁଲି ଗଲ ଭଲ ହେଲା। ଆଲାସୋରମେରାଇନର ପରିଚାଳନା ନିର୍ଦ୍ଦେଶକ ଜ୍ଞାନ ରଞ୍ଜନ ଦାସ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବାଗୁଡ଼ି, କବାଡି ଖେଳ ପ୍ରଦର୍ଶନ କରିଥିବା ବିଜେତାମାନଙ୍କୁ ଅତିଥି ବୃନ୍ଦଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ରେଫେରୀ ପ୍ରମିଳା ବାରିକ ମହୋଦୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା ଓ ଏହାକୁ ପରିଚାଳନା କରିଥିଲେ ନୃତ୍ୟ ଗୁରୁ ସାଲୁ ସାର ଏବଂ ଯାତ୍ରା କଳାକାର ନରେନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଶୀମ ସାର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ରଜ ମହୋତ୍ସବ-୨୦୨୬



ବାଲେଶ୍ୱର,୧୬।୬(ସମିସ): ସଦର ବ୍ଲକ ପଦ୍ମପୁର ପଞ୍ଚାୟତ ମଝିକିଆସ୍ଥିତ ମା' ବୁଢ଼ୀବାସୁଳି କଳା ଓ ସଂସ୍କୃତି ମହାବିଦ୍ୟାଳୟର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ରଜ ଉପଲକ୍ଷେ ରାଜ୍ୟସ୍ତରୀୟ ରଜ ମହୋତ୍ସବ -୨୦୨୬ ପାଳିତ ହୋଇଛି। ଉତ୍ସବରେ ବିଜୟ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ସମ୍ପାଦକ ଅଶୋକ କୁମାର ଦାସ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଶୁଭ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ଚିତ୍ରଶିଳ୍ପୀ ନିକୁଞ୍ଜ ବିହାରି ଦାସ ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ସଚିବ, ମୁଖ୍ୟ ବକ୍ତା କହ୍ନେଇ ଚରଣ ପ୍ରଧାନ ସମାଜସେବୀ, ସମ୍ମାନିତ ଅତିଥି ଚୈତନ ସିଂ ସମିତିସଭ୍ୟ ଏବଂ ଜିଲ୍ଲା ଚେୟାରମ୍ୟାନ, ସହ ସମ୍ପାଦକ କୈଳାଶ ଚନ୍ଦ୍ର ପାଣିଗ୍ରାହୀ ସମାଜସେବୀ, ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନ କର୍ମଚାରୀ ଶ୍ରୀମତୀ କ୍ଷେଣ ପରିଚାଳନା କରିଥିବା ବେଳେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧୋତ୍ସବ



ବାଲେଶ୍ୱର,୧୬।୬ (ସମିସ): ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ବ୍ୟାସକବି କଥାସମ୍ରାଟ ସଂକ୍ରାନ୍ତି ପୁରୁଷ ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ସଂକ୍ରାନ୍ତି ପୁରୁଷଙ୍କର ଛତୁଆ ସ୍ଥିତ ସମାଧି ପୀଠରେ ସକାଳେ ପୁଷ୍ପାର୍ଘ୍ୟ ଓ ମାଲ୍ୟାର୍ପଣ କରାଯାଇ ଛତୁଆ ପୋଖରୀ ଘାଟରେ ଅଞ୍ଜଳି ପଣ୍ଡା, ଦୀନବନ୍ଧୁ ଲେଙ୍କା, ଶତ୍ରୁଘ୍ନ ମଲ୍ଲିକ, ପ୍ରଦୀପ ଚାଟାର୍ଜୀ, ଶିରୀଶ ଚନ୍ଦ୍ର ଜେନା, ଦୀପକ ବୋଷ, ରମାକାନ୍ତ ବେହେରା, ତପନ ରାୟ, ରତ୍ନାକର ସିଂହ, ରାଜେଶ ଗିରି, ରମାକାନ୍ତ ମହାନ୍ତି, ଦିବାକର ପଣ୍ଡା, ସନ୍ତୋଷ ସାହୁ, ବାସନ୍ତୀ ଦେ ପ୍ରମୁଖ ଉପସ୍ଥିତ ରହି ତିଳତର୍ପଣ କରିଥିଲେ। ପରେ ଶାନ୍ତିକାନନ ଠାରେ ଫକୀର ମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ ଫକୀର ମୋହନଙ୍କ ସ୍ମୃତିଚାରଣ ପୂର୍ବକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସଭାପତି ଅଞ୍ଜଳି ପଣ୍ଡା ପୌରୋହିତ୍ୟ କରିଥିଲେ ଏବଂ ଜ୍ୟୋତ୍ସ୍ନା ରାୟ ଓ ସ୍ମୃତିଲତା ଦେ ସଂଯୋଜନା କରିଥିଲେ। ୫୦ରୁ ଅଧିକ କବି କବୟିତ୍ରୀ କବିତା ପାଠ କରିଥିଲେ। ସନ୍ଧ୍ୟାରେ ସ୍ମୃତିଚାରଣ ସଭାର ପୌରୋହିତ୍ୟ କରିଥିଲେ ଅନ୍ୟତମ ଉପସଭାପତି ଦୀନବନ୍ଧୁ ଲେଙ୍କା। ମୁଖ୍ୟ ଅତିଥି ପ୍ରଫେସର ମୋହିତ କୁମାର ଷଡ଼ଙ୍ଗୀ, ବରେଣ୍ୟ ଅତିଥି ପ୍ରାକ୍ତନ ସଭାପତି ପ୍ରଫେସର ରବିନାରାୟଣ ଦାଶ, ସମ୍ମାନିତ ଅତିଥି ପ୍ରଫେସର ଅବନୀ କୁମାର କୁଣ୍ଡୁ ଓ ମୁଖ୍ୟବକ୍ତା ରୂପେ ପ୍ରଫେସର ସୁଶାନ୍ତ କୁମାର ବସା ଯୋଗ ଦେଇଥିଲେ। ଫକୀର ମୋହନ ମଧ୍ୟଯୁଗ ଓ ଆଧୁନିକ ଯୁଗର ସନ୍ଧିକ୍ଷଣରେ ଆଶୀର୍ବାଦିତ ବ୍ୟକ୍ତିରୂପେ ଉଭାହୋଇ ଯେପରି ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟ, ଓଡ଼ିଆ ସଂସ୍କୃତିର ଆଧୁନିକ ରୂପ ପ୍ରଦାନ ପାଇଁ ଖାସ ଧରାବତରଣ କରିଥିଲେ ବୋଲି ବକ୍ତାମାନେ ତାଙ୍କ ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ। ତାଙ୍କର ସାହିତ୍ୟ ଓଡ଼ିଆ ଜାତିପାଇଁ ଅମୃତ ସଂଜୀବନୀ।ସେ ପ୍ରକୃତ ପକ୍ଷରେ ଓଡ଼ିଆ ସାହିତ୍ୟର ଯୁଗପ୍ରବର୍ତ୍ତକ। ତାଙ୍କର ସାହିତ୍ୟ ରସସିକ୍ତ ଆଲୋଚନାର ଆସର। ଦାଣ୍ଡର ଭାଷାକୁ ସେ ରାଜକୀୟ ଭାଷାର ପୋଷାକ ପରିଧାନ କରାଇଛନ୍ତି। ସେ ଶୋଷିତ, ଦଳିତ, ଅବହେଳିତ ସମାଜର ସ୍ୱରଥିଲେ। ସେ ଓଡ଼ିଆ ଭାଷା ସାହିତ୍ୟର ଅନ୍ଧାରୀ ଯୁଗରେ ଥିଲେ ଅନ୍ଧର ଲଉଡ଼ି। ତେଣୁ ଫକୀରମୋହନ ଥିଲେ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଅବିକଳ୍ପ ସେନାପତି। ସମ୍ପାଦକ ଡ. ରତ୍ନାକର ସିଂହ ଏହି ଅବସରରେ ପ୍ରାକ କଥନ ଉପସ୍ଥାପନ କରିଥିବା ବେଳେ ରାଜେଶ କୁମାର ଗିରି ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। କଲ୍ୟାଣୀ ନନ୍ଦ ଓ ସାଥି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଫକୀରମୋହନଙ୍କ ଉପରେ ରଚିତ ସ୍ୱାଗତ ସଙ୍ଗୀତ ସଭା ପ୍ରାରମ୍ଭରେ ପରିବେଷଣ କରିଥିଲେ। କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୁଭଙ୍କର ସ୍ମୃତିରେ ରଜ ଉତ୍ସବ ଉଦ୍‌ଯାପିତ



ରେମୁଣା, ୧୬।୬ (ସମିସ): ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ବାମପଦା ସ୍ଥିତ ମଧୁସୂଦନ କୁଷ୍ଠାଶ୍ରମ କଲୋନୀ ବାସୀଙ୍କ ପକ୍ଷରୁ ଆୟୋଜିତ ଯୁବ ସାମ୍ବାଦିକ ଶୁଭଙ୍କର ପିରି ସ୍ମୃତିରେ ତିନିଦିନିଆ ରଜ ଉତ୍ସବ ଉଦଯାପିତ ହୋଇଯାଇଛି। ପୂର୍ବତନ ଜିଲ୍ଲାପରିସଦ ସଭ୍ୟ ତଥା ବର୍ତ୍ତମାନର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିପିନ ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ହୋଇଥିବା ତିନିଦିନିଆ ରଜ ଉତ୍ସବ ପ୍ରଥମ ଦିବସରେ କଲୋନୀ ପିଲାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଲୋନୀ ବାସିନ୍ଦା ବାଉଁଶ ଦୋଳିର ମଜା ନେଇଥିଲେ। ଘରେ ଘରେ ପିଠା ମିଠାର ଆସର ଜମିଥିଲା। ଉଦଯାପନୀ ସନ୍ଧ୍ୟାରେ ପିଲାଙ୍କ ଦ୍ୱାରା ନୃତ୍ୟସଂଗୀତ ପରିବେଷଣ କରାଯାଇଥିଲା। ଏଥିରେ ନିମନ୍ତ୍ରିତ ଅତିଥି ଭାବେ ଶୁଭଙ୍କର ପିତା ସାମ୍ବାଦିକ ଲୋକନାଥ ପିରି, ମା ଅମିତା ପିରି, ଭୀମପୁରା ସରପଞ୍ଚଙ୍କ ପ୍ରତିନିଧି ବିଜୟ ପଲାଇ, ସାମ୍ବାଦିକ ମାନସ ପାଢ଼ୀ, ସାମ୍ବାଦିକ ସରୋଜ ସାହୁ, କୁନା ସରେନ, ଗଣେଶ୍ୱର ସାହୁ, ସାମରାୟ ସରେନ ପ୍ରମୁଖ ଯୋଗଦେଇ ଶୁଭଙ୍କର ସ୍ମୃତିଚାରଣ କରିବା ସହିତ ଦୁଇମିନିଟ ନିରବ ପ୍ରାର୍ଥନା କରିଥିଲେ। ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଭାଗିରଥି ମୁର୍ମୁ, ଶିବ ସରେନ, ରଥ ମାରାଣ୍ଡି, ଲକ୍ଷ୍ମନ ସିଂ, ଗିରିଶ ସାହୁ, ଭୁଜୁ ମୁର୍ମୁ, ଗେଲହାମଣି ମାରାଣ୍ଡିଙ୍କ ସମେତ କଲୋନି ଅନ୍ତେବାସୀ ପରିଚାଳନା ସହଯୋଗ କରିଥିଲେ।

## ବରିଷ୍ଠ ଫେଲୋସିପ୍ ପାଇଁ ବାଲେଶ୍ୱରର ବିଶିଷ୍ଟ ଶିଳ୍ପୀ ନିକୁଞ୍ଜ ମନୋନୀତ

ବାଲେଶ୍ୱର,୧୬।୬ (ସମିସ): ବିଶିଷ୍ଟ ଚିତ୍ରଶିଳ୍ପୀ ନିକୁଞ୍ଜବିହାରୀ ଦାସ ଚଳିତ ବର୍ଷ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ପ୍ରଦତ୍ତ ସମ୍ମାନଜନକ ବରିଷ୍ଠ ଫେଲୋସିପ୍ ପାଇବାକୁ ମନୋନୀତ ହୋଇଛନ୍ତି। ଚିତ୍ରକଳା କ୍ଷେତ୍ରରେ ତାଙ୍କର ଦୀର୍ଘଦିନର ସୃଜନଶୀଳ ଅବଦାନ, ଭାରତୀୟ ପରମ୍ପରାର ସଂରକ୍ଷଣ ଓ ଓଡ଼ିଶାର ଲୋକପ୍ରିୟ କଳାଧାରାକୁ ବିଶ୍ୱସ୍ତରରେ ପହଞ୍ଚାଇବାର ପ୍ରୟାସକୁ ଦୃଷ୍ଟିରେ ରଖି ଏହି ସମ୍ମାନ ପ୍ରଦାନ କରିଛନ୍ତି।



ପ୍ରତିବର୍ଷ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଦେଶର ବିଭିନ୍ନ ରାଜ୍ୟର ଯୋଗ୍ୟ ଓ ପ୍ରତିଭାଶାଳୀ ଶିଳ୍ପୀମାନଙ୍କୁ ଚିତ୍ରକଳା, ଭାସ୍କର୍ଯ୍ୟ, ଫଟୋଗ୍ରାଫି ସମେତ ବିଭିନ୍ନ ସୃଜନଶୀଳ କଳା କ୍ଷେତ୍ରରେ ଗବେଷଣା ଓ ସୃଜନ।।କ କାର୍ଯ୍ୟକୁ ଆଗେଇ ନେବା ପାଇଁ ବରିଷ୍ଠ ଫେଲୋସିପ୍ ପ୍ରଦାନ କରିଥାଏ। ଏହି ବର୍ଷ ସେହି ସମ୍ମାନଜନକ ତାଲିକାରେ ସ୍ଥାନ ପାଇଛନ୍ତି ବାଲେଶ୍ୱରର ନିକୁଞ୍ଜ ବିହାରୀ ଦାସ। ଶ୍ରୀ ଦାସ ଭାରତୀୟ ପରମ୍ପରା, ପୌରାଣିକ ଚେତନା ଓ ଓଡ଼ିଶାର ସମୃଦ୍ଧ କଳା ଐତିହ୍ୟକୁ ଆଧାର କରି ନିଜସ୍ୱ ସ୍ୱତନ୍ତ୍ର ଶୈଳୀରେ ଚିତ୍ର ସୃଷ୍ଟି କରିଆସୁଛନ୍ତି। ବିଶେଷକରି ଓଡ଼ିଶାର ପ୍ରସିଦ୍ଧ ପୌରାଣିକ ରୂପକ 'ନବଗୁଞ୍ଜର' ଉପରେ ଆଧାରିତ ତାଙ୍କର ଚିତ୍ରକଳା ଦେଶ ଓ ବିଦେଶର କଳାପ୍ରେମୀଙ୍କ ମଧ୍ୟରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ନବଗୁଞ୍ଜର ଚିତ୍ରଧାରାକୁ ଆଧୁନିକ ଭାବନା ସହିତ ସମନ୍ୱୟ କରି ସେ ଓଡ଼ିଶାର ପାରମ୍ପରିକ କଳାକୁ ନୂତନ ରୂପ ଓ ନୂତନ ଦିଗ ଦେବାରେ ସଫଳ ହୋଇଛନ୍ତି। ଏହି ଫେଲୋସିପ୍ ମାଧ୍ୟମରେ ସେ ଭାରତୀୟ ପରମ୍ପରା ଏବଂ ନବଗୁଞ୍ଜରଆଧାରିତ ଚିତ୍ରକଳା ଉପରେ ଅଧିକ ଗବେଷଣା ଓ ସୃଜନଶୀଳ କାର୍ଯ୍ୟ କରିବେ। ତାଙ୍କର ଲକ୍ଷ୍ୟ ହେଉଛି ଓଡ଼ିଶାର ସ୍ୱତନ୍ତ୍ର କଳା ଐତିହ୍ୟକୁ ବିଶ୍ୱ ଦରବାରରେ ଅଧିକ ସୁଦୃଢ଼ ଭାବେ ପରିଚିତ କରାଇବା ଏବଂ ନୂତନ ପିଢ଼ିର କଳାକାରମାନଙ୍କୁ ପ୍ରେରଣା ଯୋଗାଇବା। ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ି ଗ୍ରାମରେ ଜନ୍ମଗ୍ରହଣ କରିଥିବା ନିକୁଞ୍ଜ ବିହାରୀ ଦାସ ସ୍ୱର୍ଗତ ଲାଲମୋହନ ଦାସ ଓ ସାବିତ୍ରୀମଣି ଦାସଙ୍କ ପୁତ୍ର। ସେ ବର୍ତ୍ତମାନ ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ। ନିକୁଞ୍ଜ ବିହାରୀ ଦାସଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ କଳାକାର, ବୁଦ୍ଧିଜୀବୀ, ସାହିତ୍ୟିକ ଓ ସାମାଜିକ ସଂଗଠନ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ରୋଟାଭେଟରରେ ସଂସ୍ପର୍ଶରେ ଆସି ଚାଲିଗଲା ଯୁବକଙ୍କ ଜୀବନ

ନୀଳଗିରି, ୧୬।୬ (ସମିସ): ନୂଆ ରୋଟାଭେଟର ଆଣି ଖୁସିରେ ଟ୍ରାଏଲ କରିବା ପରେ ବନ୍ଦ କରିବାକୁ ଯାଇ ଅସାବଧାନତା ଯୋଗୁଁ ରୋଟରରେ ଟାଣିହୋଇ ଜଣେ ୧୮ ବର୍ଷୀୟ ଯୁବକଙ୍କ ଜୀବନ ଯାଇଛି। ଔପଦା ବ୍ଲକ୍ ଦକ୍ଷିଣନରସିଂହପୁର ଗ୍ରାମର ରାଜେନ୍ଦ୍ର ସଲଙ୍କ ପୁଅ ପ୍ରଶାନ୍ତ କୁମାର ସଲ ଆଗାମୀ ଖରିଫ ଚାଷ ଉପଲକ୍ଷେ ଏକ ନୂତନ ରୋଟାଭେଟର କିଣିଆଣି ସୋମବାର ଅପରାହ୍ନରେ ଟ୍ରାଏଲ କରୁଥିଲେ। ତେବେ ରୋଟରକୁ ବନ୍ଦ କରିବାସମୟରେ ହଠାତ୍ ରୋଟର ବ୍ଲେଡରେ ଟାଣିହୋଇ ସମଗ୍ର ଶରୀର ପେଶି ହୋଇଯାଇଥିଲା। ଘଟଣାସ୍ଥଳରେ ପ୍ରଶାନ୍ତଙ୍କ ଜୀବନ ଯାଇଥିବା ବେଳେ ନୀଳଗିରି ପୁଲିସ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ଉଦ୍ଧାର କରିଥିଲେ ହେଁ ଘଟଣାସ୍ଥଳରେ ଯୁବକଙ୍କ ଜୀବନ ଚାଲିଯାଇଥିଲା। ପରେ ନୀଳଗିରି ହସ୍ପିଟାଲ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। କ୍ଷଣିକ ଖୁସି ପରିବାରରେ ଦୁଃଖର ପରିଣତ ହୋଇଥିଲା।

## ଲେଖିକା ସଂସଦ ପକ୍ଷରୁ ରଜ ମଉଜ

ବାଲେଶ୍ୱର, ୧୬।୬ (ସମିସ): ଲେଖିକା ସଂସଦ ପକ୍ଷରୁ ରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରଜପର୍ବ ପାଳିତ ହୋଇଯାଇଛି। ସଦସ୍ୟାମାନେ ଆମ୍ବ, ପଣସ, ମିଠା, ପିଠା, ପୋଡ଼ ପିଠା, ଆରିସା, କାକରା, ପାନ ଇତ୍ୟାଦି ଆଣି ସଜାଇଥିଲେ। ଏହି ଅବସରରେ ଏକ ସଭା ବରିଷ୍ଠ ସଦସ୍ୟା ପୁଷ୍ପାଞ୍ଜଳି ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ କବି ବିମଳ ଜେନା, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି ଯୋଗଦେଇ ରଜପର୍ବ ସଂପର୍କରେ କହିଥିଲେ। ସଂସଦର ଆବାହିକା ଡ. ସିନ୍ଧୁ ସେନ ଓ ଲେଖିକା ଅଞ୍ଜଳି ପଣ୍ଡା ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ କଥା ସତ୍ୟଭାମା ମୁଦୁଲି ପ୍ରଦାନ କରିଥିବା ବେଳେ ଶେଷ କଥା ରଖିଥିଲେ ସଂଗଠନ ଆବାହିକା ମନସ୍ୱିନୀ ଦେବୀ। ଏହି ଅବସରରେ ସେଠାରେ ବହୁ ଲେଖିକା ଉପସ୍ଥିତ ଥିଲେ।

## ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ



ସିମୁଳିଆ,୧୬।୬ (ସମିସ): ରଜ ପର୍ବ ଉପଲକ୍ଷେ ତାରିଣୀ ଇଭେଣ୍ଟ ଓ ବ୍ରଦର୍ସ ଗ୍ରୁପସ ମିଳିତ ଆନୁକୂଲ୍ୟରେ ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ବ୍ଲକ ସବଙ୍ଗ ପଞ୍ଚାୟତ କୁମାର ସାହି ପଡ଼ିଆରେ ଅନୁଷ୍ଠିତ ରଜପର୍ବ ଉପଲକ୍ଷେ ଦ୍ୱିତୀୟ ବାର୍ଷିକ ରଜ ମହୋତ୍ସବରେ ରଜ ଦୋଳି, କବାଡ଼ି, ପୁଚି, ଦୌଡ଼ ପ୍ରତିଯୋଗିତା ହେବା ସହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ ସାଂସ୍କୃତିକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସମାଜସେବୀ ଗଜେନ୍ଦ୍ର ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ଏହି ମଞ୍ଚରେ ଅତିଥିଙ୍କ ଦ୍ୱାରା ଓଡିଶାର ବିଭିନ୍ନ ପ୍ରାନ୍ତରୁ ଟେଣ୍ଟ କର୍ମଚାରୀ ଓ ମାଲିକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତିନିଦିନ ଧରି ହେବାକୁ ଥିବା କାର୍ଯ୍ୟକ୍ରମରେ ଅନ୍ୟ ଦୁଇ ଦିନ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଷାଣି ସନ୍ଧ୍ୟା ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ନେଇ ତାରିଣୀ ଇଭେଣ୍ଟର ସଭାପତି ଶଶୀକାନ୍ତ ସାହୁ ସୂଚନା ଦେଇଛନ୍ତି। ସଭା ଶେଷରେ ଇଭେଣ୍ଟ ସଦସ୍ୟ ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନେଇ ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ତାଲା ପଡ଼ିବା ଘଟଣା

# ବିଦ୍ୟାଳୟରେ ପହଞ୍ଚି ତଦନ୍ତ କଲେ ବ୍ଲକ ଓ ଜିଲ୍ଲା ଶିକ୍ଷାଧିକାରୀ

ବସ୍ତା ବ୍ଲକ, ୧୬।୬ (ସମିସ)

- ସ୍କୁଲ ଆଲମାରିରୁ ଜରୁରି ଫାଇଲ ଗାଏବ
- ପୋକ ସାଲୁବାଲୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଚାଉଳ ଦେଖି ଅଧିକାରୀ ତାଜ୍ଜୁବ
- ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ

ଆଦେଶ ବାତିଲ ନ କଲେ ଆନ୍ଦୋଳନ ଚେତାବନୀ ସ୍ଥଗିତ

ବାଲେଶ୍ୱର ଜିଲ୍ଲା ବସ୍ତା ସ୍ଥିତ ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବିନ୍ଧାଣୀଙ୍କ ନାମରେ ଆସିଥିବା ଦୁର୍ନୀତି ଅଭିଯୋଗ ସହିତ ତାଙ୍କର ଏହି ସ୍କୁଲରୁ ଅନ୍ୟତ୍ର ବଦଳି ଦାବି ନେଇ ସ୍କୁଲ ଫାଟକ ରେ ତାଲା ପଡ଼ିଥିବା ବେଳେ ଏହି ଘଟଣା ନେଇ ପୁରାତନ ଛାତ୍ର, ଅଭିଭାବକ, ଆଲୁମିନି ସଦସ୍ୟ, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବସ୍ତା ବ୍ଲକ ରେ ଅନୁଷ୍ଠିତ ଜିଲ୍ଲାପାଳ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିବା ପରେ ମଙ୍ଗଳବାର ବସ୍ତା ବିଇଓ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ଶମ୍ଭୁନାଥ ସରକାରୀ ହାଇସ୍କୁଲରେ ମିଳିତ ତଦନ୍ତ କରିଥିବା ଜଣା ପଡିଛି। ପ୍ରକାଶ ଯେ ଶମ୍ଭୁନାଥ ସରକାରୀ ହାଇସ୍କୁଲର ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବିନ୍ଧାଣୀଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିବା ପରେ ତାଙ୍କୁ ତାଙ୍କ ପଦରୁ ଶିକ୍ଷା ବିଭାଗ ହଟାଇ ଦେଇଥିଲା। ମାତ୍ର ସଦ୍ୟ ପ୍ରକାଶିତ ସ୍ଥାୟୀ ପ୍ରଧାନ ଶିକ୍ଷକ ତାଲିକାରେ ବିବାଦୀୟ ପ୍ରଧାନ ଶିକ୍ଷୟିତ୍ରୀ ଅଳକା ବିନ୍ଧାଣୀଙ୍କୁ ପୁଣି ସେହି ଶମ୍ଭୁନାଥ ସରକାରୀ ହାଇ ସ୍କୁଲ ରେ ପାଇଥିବା ଜାଣି ସ୍ଥାନୀୟ ଅଞ୍ଚଳ ବାସୀ, ଅଭିଭାବକ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତାଙ୍କ ବଦଳି ଦାବିରେ ସ୍କୁଲ ଗେଟ ରେ ତାଲା ପକାଇ ଦେଇଥିଲେ। ସ୍କୁଲ ଦୁଇ ଦିନ ପରେ ଖୋଲିବାକୁ ଥିବା ବେଳେ ଆନ୍ଦୋଳନରେ ସାମିଲ ହୋଇ ଥିବା ଅଞ୍ଚଳବାସୀ ଓ ସବୁ ବର୍ଗର ଲୋକେ ବସ୍ତା ବ୍ଲକରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ପରେ ସ୍କୁଲରେ ଜିଲ୍ଲା ଓ ବ୍ଲକ ଶିକ୍ଷା ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ। ସ୍କୁଲ ମଧ୍ୟାନ୍ନ ଭୋଜନ ପାଇଁ ଆସିଥିବା କ୍ୱିଣ୍ଟାଲ କ୍ୱିଣ୍ଟାଲ ଚାଉଳ ପୋକ ସାଲୁ ବାଲୁ ଦେଖି ଡିଇଓ ତାଜୁବ ହୋଇ ଯାଇଥିଲେ। ସେହିପରି ସ୍କୁଲରେ ମଧ୍ୟାହ୍ନ ଭୋଜନର ଫାଇଲ ଉଭାନ ଥିବା ଜାଣିବାକୁ ପାଇଥିଲେ। ସେହିପରି ସ୍କୁଲ କୁ ଆସୁଥିବା ସରକାରୀ ଅର୍ଥ ହେରଫେର, ଖେଳ ସାମଗ୍ରୀ କିଣାରେ ଦୁର୍ନୀତି, ଇକୋ କ୍ଲବରେ ଦୁର୍ନୀତି ସବୁ ସାମ୍ନା କୁ ଆସିଥିଲା। ଶିକ୍ଷା ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହିତ ଆଗାମୀ ୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ସହ ତଦନ୍ତ ରିପୋର୍ଟ ଉପରିସ୍ଥ ଅଧିକାରୀଙ୍କୁ ପଠାଇବା ପ୍ରକାଶ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କଥାକୁ ସମ୍ମାନ ଜଣାଇ ଏହି ଆନ୍ଦୋଳନକୁ ସ୍ଥଗିତ ରଖା ଯାଇଥିବା କୁହାଯାଉଛି। ଏହି ବୈଠକରେ ବିଜେପି ନେତା ରବୀନ୍ଦ୍ର କୁମାର ଜୈନଙ୍କ ସହିତ ଆନ୍ଦୋଳନରେ ସାମିଲ ଥିବା ପୁରାତନ ଛାତ୍ର ତଥା ଶିକ୍ଷାବିତ୍ ଲକ୍ଷ୍ମୀନାରାୟଣ ସାହୁ, ଅନୁପମ ମହାନ୍ତି, ରମେଶ ବେହେରା, ଅନାଦି ସାହୁ, ରତ୍ନାକର ସାହୁ, ପ୍ରଶାନ୍ତ ଗିରି, ଦେବବ୍ରତ ମହାପାତ୍ର, ଭବାନୀ ସେନାପତି, ପରିଚାଳନା କମିଟିର ସଭାପତି, ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷେ ବସ୍ତା ବିଇଓଙ୍କୁ ସ୍କୁଲର ପ୍ରଧାନଶିକ୍ଷକ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି।

# ଦୋଳି, ପିଠା, ପାନ, ନାଚଗୀତରେ ସରିଲା ରଜ

# ପର୍ବରୁ ମହୋତ୍ସବରେ ପରିଣତ ହୋଇଛି ରଜ

## କବାଟବନ୍ଧ ଅଞ୍ଚଳରେ ସରିଲା ରଜ ପର୍ବ



**କବାଟବନ୍ଧ,୧୬।୬(ସମିସ):** ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ରଜକୁ ଆନନ୍ଦ ଉଲ୍ଲାସର ସହିତ କବାଟବନ୍ଧ ଅଞ୍ଚଳରେ ପାଳନ କରାଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଏହି ଅଞ୍ଚଳର ମର୍ଜିତାପୁର, ମଧୁସୂଦନପୁର, ରାଇଛନ୍ଦା, କବାଟବନ୍ଧ, ରେଖିଦେଇପୁର, ଅଞ୍ଜିରା, ଚକ୍ରଧରପୁର, ଜେନାପୁର, ବୃନ୍ଦାଦେଇପୁର, ସମେତ ବିଭିନ୍ନ ପଞ୍ଚାୟତରେ ଏହି ମହାନ ପର୍ବକୁ ପାଳନ କରିବା ପାଇଁ ପିଲା ମାନଙ୍କ ଠାରୁ ବୟସାଧିକ ପର୍ଯ୍ୟନ୍ତ ସମସ୍ତେ ସାମିଲ ହୋଇଥିଲେ। ପାରମ୍ପରିକ ଏହି ପର୍ବ ଏବେ ମହୋତ୍ସବରେ ପରିଣତ ହୋଇଛି। ଗ୍ରାମାଞ୍ଚଳରେ ରଜ କେବଳ ଦୋଳି ଏବଂ ପୋଡ଼ ପିଠାରେ ସୀମିତ ନୁହେଁ; ଏହାକୁ ଅଧିକ ଆକର୍ଷଣୀୟ ଏବଂ ସରସ ସୁନ୍ଦର କରିବା ପାଇଁ ମିନାବଜାର, ଫୁଡ଼ଷ୍ଟଲ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଥିବା ଦେଖିବାକୁ ମିଳିଥିଲା। ଯୁବକ ଯୁବତୀ ମାନେ ଏହାକୁ ଖୁବ ଧୂମଧାମରେ ବୁଲାବୁଲି କରି ଉପଭୋଗ କରୁଥିବା ବେଳେ ବୟସ୍କ ବ୍ୟକ୍ତି ମାନେ ଗାଁ ଗାଁ ରେ କ୍ୟାରମ, ଲୁଡୁ ଏବଂ ତାସ ଖେଳି ରଜକୁ ଉପଭୋଗ କରୁଥିଲେ। ସ୍ଥାନୀୟ ଅଞ୍ଚଳର ଏଣ୍ଡଲବା ପଞ୍ଚାୟତର କଳାଣ୍ଡ ଯୁବକ ସଂଘ ପକ୍ଷରୁ ଗ୍ରାମର ଦଦରା ମଠ ନିକଟରେ ଏହାକୁ ବିଶେଷ ଭାବେ ପାଳନ କରାଯାଇଛି। ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବ୍ୟକ୍ତି ବିଶେଷ ତଥା ପ୍ରତିଭାମାନଙ୍କୁ ନେଇ ରଜ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ବିଭିନ ଖେଳକୁଦ, ରଙ୍ଗୋଲି, କୁଇଜ ପ୍ରତିଯୋଗିତା ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସେହିପରି ତାଳଜଙ୍ଗ ପଞ୍ଚାୟତ ବଳରାମପୁର ତଳଗଡ଼ ଠାରେ କବାଡ଼ି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହା ସହିତ ସ୍ଥାନୀୟ ଅଞ୍ଚଳରେ ରଜ ଉପଲକ୍ଷେ ବାଦୀପାଲା ପରିବେଷଣ ଏକ ସ୍ୱତନ୍ତ୍ରତା ହାସଲ କରିଛି। ରାଇଛନ୍ଦା ପଞ୍ଚାୟତର ତଇଲାସାହିରେ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ପରିବେଷଣ ହୋଇ ଆସୁଥିବା ବେଳେ ବାରକଣା ଗ୍ରାମରେ ଚଳିତ ବର୍ଷ ୪୨ ବର୍ଷରେ ବାଦୀପାଲା ପରିବେଷଣ ହେଉଛି। ରେଖିଦେଇପୁର ପଞ୍ଚାୟତର ପାଇକରାପୁରରେ ଚଳିତ ବର୍ଷ ପାଲା ପରିବେଷଣ ୭୯ ବର୍ଷରେ ପଦାର୍ପଣ କରିଛି। ପାଲା ପାଇଁ ପ୍ରସିଦ୍ଧି ଲାଭ କରିଥିବା ମର୍ଜିତାପୁର ପଞ୍ଚାୟତ ସାଥୁଆ ପାଟଣା ଗ୍ରାମର ସତ୍ୟନାରାୟଣ ପୂଜା କମିଟି ପକ୍ଷରୁ ସତ୍ୟ ସାଇ ମନ୍ଦିର ପ୍ରାଙ୍ଗଣରେ ପାଲା ପରିବେଷଣ ୮୨ ବର୍ଷ ପୂରଣ କରିଛି। ଏହି ଅଞ୍ଚଳର ଅନ୍ୟତମ ଐତିହାସିକ ପୀଠ ଭାବେ ପରିଚିତ ବଳରାମପୁର ଉପରଗଡ଼ଠାରେ ଥିବା ଜଗନ୍ନାଥ ମନ୍ଦିର ଏବଂ ରାଜପ୍ରାସାଦ ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପରିବେଶକୁ ଦେଖିବା ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା।

## ସୁକିନ୍ଦା ରଜ ମହୋତ୍ସବ ଜମୁଛି



**ସୁକିନ୍ଦା,୧୬।୬(ସମିସ):** ସୁକିନ୍ଦା ରଜ ମହୋତ୍ସବ ରାଜାସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଆ ଜାତିର ଏହି ପାରମ୍ପରିକ ପର୍ବ (ରଜ) ଅବସରରେ ଆୟୋଜିତ ବହୁ ପାରମ୍ପରିକ, ଯାନ୍ତ୍ରିକ ଦୋଳି ଗୁଡ଼ିକୁ ରାଜା ସାହେବ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୁକିନ୍ଦା ସ୍ଥିତ ରାମଲୀଳା ଯୁବକ ସଂଘ ପକ୍ଷରୁ ଗୁଣ୍ଡିଚା ମନ୍ଦିର ପରିସରରେ ଆୟୋଜିତ ଏହି ୧୮ତମ ରଜ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତା ବୁଧବାର ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟାରେ ଏହି ମଞ୍ଚରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ଜଣାପଡିଛି। ବିଭିନ୍ନ ଦୋଳି ସାଙ୍ଗକୁ ମେଲୋଡି, ମିନାବଜାର ପାଇଁ ହଜାର ହଜାର ଲୋକଙ୍କ ଭିଡ ହେଉଥିବା ଦେଖିବାକୁ ମିଳିଛି। ରାମଲୀଳା ଯୁବକ ସଂଘ ଉପଦେଷ୍ଟା ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଜକିଶୋର ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଜ ମହୋତ୍ସବ କମିଟି ସଭାପତି ପିନାକୀ ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ପ୍ରତାପ ପଟ୍ଟନାୟକ, ଓଡ଼ିଶା ମାଇନିଙ୍ଗ ୱାର୍କର୍ସ ୟୁନିଅନ ସମ୍ପାଦକ ଅମଳେନ୍ଦୁ ବେହୁରା, ଭାରତୀୟ ବିଦ୍ୟାନିକେତନ ମୁଖ୍ୟ ମନୋରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାମଲୀଳା ଯୁବକ ସଂଘର ସମସ୍ତ ସଭ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ସହଯୋଗ କରିଥିଲେ।

## ବନେଇପୁରରେ ରଜ ମହୋତ୍ସବ ଉଦ୍‌ଯାପିତ



**ପାଣିକୋଇଲି,୧୬।୬(ସମିସ):** ଓଡିଶାର ଗରପର୍ବ ରଜର ଅନ୍ତିମ ବା ଶେଷ ଦିବସରେ କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ବନେଇପୁର ଗ୍ରାମରେ ସପ୍ତମ ବାର୍ଷିକ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଛି। ପ୍ରଥମ ରଜରେ ଯୁବନେତା ସମାଜସେବୀ ସୌମ୍ୟରଞ୍ଜନ ଧଳ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଶିକ୍ଷାବିତ ସୁଧାଂଶୁଙ୍କର ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ଆଖପାଖ ଅଞ୍ଚଳର ଯୁବକ ଯୁବତୀଙ୍କ ଠାରୁ ଆରମ୍ଭ କରି ଆବାଳ ବୃଦ୍ଧ ବନିତା ସମସ୍ତେ ଆନନ୍ଦ ଉଲ୍ଲାସରେ ଲାଗିପଡିଥିଲେ ଏହି ରଜ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ। ଗ୍ରାମର ଶେଷ ମୁଣ୍ଡ ବରଗଛ ନିକଟରେ ପଟାଦୋଳି, କାଠପଟାର ଚକ୍ରିଦୋଳି, ରାମଦୋଳି ଗୁଡିକୁ ସୁସଜ୍ଜିତ କରାଯାଇଥିଲା। ଉକ୍ତ ଗ୍ରାମର ଯୁବତୀମାନେ ରଜଦୋଳି ଗୀତ, ସଂଗୀତ ଆସର, ଦୌଡ, କବାଡି, ମିୟୁଜିକ ଚେୟାର , କବାଡି, ଲୁଡୁ, ତାସ ଆଦି ପ୍ରତିଯୋଗୀତାରେ ଭାଗ ନେଇଥିଲେ। ଆଜିର ଉଦ୍‌ଯାପନୀ ଉତ୍ସବ ବା ପୁରସ୍କାର ବିତରଣୀ ଉତ୍ସବରେ ଯୁବ ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲା ସମ୍ବାଦିକ ସଂଘର ସଭାପତି ସୁବାସ ଧଳ, ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ମନୋଜ ସାହୁ, ସାହିତ୍ୟିକ ଭୁବନ ମୋହନ ମହାନ୍ତି ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ତିନି ଦିନ ଧରି ଚାଲିଥିବା ଉକ୍ତ ରଜ ମହୋତ୍ସବକୁ ଦେବାଶିଷ ବେହେରା, ଚକ୍ରଧର ମହାରଣା, ଅଭିମନ୍ୟୁ ବେହେରା, ଦୁଶାଃସନ ପାଳତା, ପ୍ରକାଶ ମାଝୀ, ସୀତାରାମ ରଣା, ମାମୁନି ମାଝୀ, ନବଘନ ପାଳତା, ଜିତେନ୍ଦ୍ର ପାଳତା, ରଶ୍ମିରାଣୀ ପାଳତା, ତାରିଣୀରାଣୀ ସ୍ୱାଇଁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ମିନି କେଦାରନାଥ ଧାମରେ ଶ୍ରଦ୍ଧାଳୁଙ୍କ ଭିଡ଼



**ବଡ଼ଚଣା,୧୬।୬(ସମିସ):** ଅବିକଳ କେଦାରନାଥ ମନ୍ଦିରର ଭ୍ରମ ସୃଷ୍ଟି କରୁଥିବା ଯାଜପୁର ବରାଙ୍ଗରେ ଅନୁଷ୍ଠିତ ବାବା ଜଗତେଶ୍ୱରଙ୍କ ପୀଠରେ ରଜ ଅବସରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ନାହିଁ ନଥିବା ଭିଡ଼ ଦେଖିବାକୁ ମିଳିଛି। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ କାଇମାଟିଆ ପଞ୍ଚାୟତ ବରାଙ୍ଗ ଗାଁରେ ଅବସ୍ଥିତ ଜଗତେଶ୍ୱରଙ୍କ ମନ୍ଦିର। ଅନେକ ବର୍ଷ ଧରି ଏଠାରେ ଜଗତେଶ୍ୱରଙ୍କ ମନ୍ଦିର ଅଧପନ୍ତରିଆ ପଡି ରହିଥିଲା। ଭୁବନେଶ୍ୱରର ସତ୍ୟମ ଦାଶ ନାମକ ଜଣେ ସମାଜସେବୀ ଏଠାରେ ଅଧାପନ୍ତରିଆ ମନ୍ଦିରର ପୂର୍ଣ୍ଣାଙ୍ଗ କରିବା ପାଇଁ ମନ ବଳାଇଥିଲେ। ଆଉ ମନ୍ଦିର ପୂର୍ଣ୍ଣାଙ୍ଗ ହେବା ପରେ ଏହା ଅବିକଳ କେଦାରନାଥଙ୍କ ମନ୍ଦିର ଭଳି ହୋଇଥିଲା; ଯାହାକୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ଓଡ଼ିଶାର ମିନି କେଦାରନାଥ ବୋଲି କହୁଛନ୍ତି। ଏହି କେଦାରନାଥ ମନ୍ଦିର ଦେଖିବାକୁ ପ୍ରତ୍ୟେକ ଦିନ ଯାଜପୁର ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ଏଠାକୁ ଆସନ୍ତି। ପ୍ରତ୍ୟେକ ଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ଅନେକ ଭିଡ଼ ଯୋଗୁଁ ଶ୍ରଦ୍ଧାଳୁ ମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ମନ୍ଦିର ନିକଟରୁ ପ୍ରାୟତଃ ଦୁଇ ତିନି କିଲୋମିଟର ରାସ୍ତା ଅଣ ଓସାରିଆ ଥିବା ବେଳେ ଗୋଟିଏ ଗାଡ଼ି ପଶିଲେ ଅନ୍ୟ ଗାଡ଼ିଟି ଆସିବା ପାଇଁ ବହୁ ସମସ୍ୟା ହେଉଛି। ମନ୍ଦିର ଆଖ ପାଖରେ ପାର୍କିଂର ସୁବିଧା ନାହିଁ। ଯାହା ବି ସରକାରୀ ଜମି ରହିଛି। ସେହି ଗ୍ରାମର କିଛି ମୁଷ୍ଟିମେୟ ଲୋକ କବ୍ଜା କରି କଂକ୍ରିଟ ଗୃହ ନିର୍ମାଣ କରି ସାରିଲେଣି। ପାନୀୟ ଜଳ ସମସ୍ୟା ନ କହିବା ଭଲ। ସନ୍ଧ୍ୟା ହେଲେ ଆଲୋକୀକରଣର ସୁବିଧା ନାହିଁ। ଅନ୍ଧାର ଯୋଗୁଁ ଶ୍ରଦ୍ଧାଳୁ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ମଧ୍ୟ କରାଯାଇଛି। କିନ୍ତୁ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଶୂନ। ବଡ଼ଚଣା ବ୍ଲକ ବରାଙ୍ଗ ଠାରେ ଥିବା ଜଗତେଶ୍ୱର ମନ୍ଦିର ତଥା ମିନି କେଦାରନାଥଙ୍କ ଦର୍ଶନ ପାଇଁ ପ୍ରତ୍ୟେହ ହଜାର ହଜାର ଭକ୍ତଙ୍କ ସମାଗମ ହେତୁ ଜିଲ୍ଲା ପ୍ରଶାସନ ତଥା ସ୍ଥାନୀୟ ଜନ ପ୍ରତିନିଧିମାନେ ରାସ୍ତା ପ୍ରଶସ୍ତୀକରଣ, ପାନୀୟ ଜଳ, ଅଲୋକୀକରଣ ଉପରେ ଗୁରୁତ୍ୱାରୋପ କରିବା ସହ ଆଖପାଖରେ ଥିବା ସରକାରୀ ଜମିର ଜବରଦଖଲକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

## ଉତ୍ତରେଶ୍ୱର ପୀଠରେ ରଜ ମହୋତ୍ସବ



**ବ୍ୟାସନଗର,୧୬।୬(ସମିସ):** ଯାଜପୁର ଜିଲ୍ଲା ଯାଜପୁର ବ୍ଲକ ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ବାବା ଉତ୍ତରେଶ୍ୱର ପୀଠରେ ରଜ ମହୋତ୍ସବ ଖୁବ୍ ଧୁମଧାମରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମାଜସେବୀ ଇଂ. ସୌମ୍ୟରଞ୍ଜନ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୩ ଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ସ୍ଥାନୀୟ ମହିଳା ଓ ଯୁବକମାନେ ରଜପାନ, ରଜଦୋଳିର ଭରପୁର ଆନନ୍ଦ ନେଇଥିଲେ। ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବଡ଼ମଙ୍ଗଳପୁର ଗ୍ରାମରେ ରଜ ଉତ୍ସବ



**ଧର୍ମଶାଳା,୧୬।୬(ସମିସ):** ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମରେ ଚଳିତ ବର୍ଷ ରଜ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଗ୍ରାମର ଗ୍ରାମଦେବତୀ ମା' କରଞ୍ଜେଇଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ରଜ ଉତ୍ସବରେ ଗ୍ରାମର କୁମାରୀ ମାନେ ଦୋଳିର ମଜା ଉଠାଇଥିଲେ। ସେହିପରି ଅନୁଷ୍ଠିତ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ସଙ୍ଗୀତ ଅଧ୍ୟାପକ ଅମରେଶ ଦାଶ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ଦାଶ, ନୃତ୍ୟ ଶିଳ୍ପୀ ରୁଦ୍ର ଯୋଗଦେଇଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ ଖୁସିରାଣୀ ପରିଡା ପ୍ରଥମ, ରୋଜାଲିନ ଲୋୟାଶ୍ରୀ ଦ୍ୱିତୀୟ ଏବଂ ରୀତିକା ପ୍ରିୟଦର୍ଶିନୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାମ୍ବାଦିକ ଅବିନେଶ୍ୱର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା ଓ ବିଚାରକ ମଣ୍ଡଳୀ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ମେଡାଲ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୌମ୍ୟପ୍ରକାଶ ବିଶ୍ୱାଳ, ଶିବାଶିଷ ସାହୁ, ପ୍ରକାଶ ନାୟକ, ସଂଜୀବ ପଣ୍ଡା, ଶକ୍ତିକାନ୍ତ ସାମଲ, ପ୍ରକାଶ ଶତପଥି, କାଳନ୍ଦୀ ସାହୁ, ରାମଚନ୍ଦ୍ର ମହାନ୍ତି ଓ ବିଭୁତି ଭୂଷଣ ନାୟକଙ୍କ ସମେତ ଗ୍ରାମର ଯୁବକ ମାନେ ପରିଚାଳନା କରିଥିଲେ।

## ଗାଁ ଗାଁ ରଜ; ସବୁଠି ନେତାଙ୍କ ଆସର




**ଦାନଗଦି,୧୬।୬(ସମିସ):** ଦାନଗଦି ବ୍ଲକର ବିଭିହ୍ନ ସ୍ଥାନରେ ରଜପର୍ବ ପାଳିଛନ୍ତି ସୁକିନ୍ଦାର ପୂର୍ବତନ ମନ୍ତ୍ରୀ ଶରତ ରାଉତ। ସୂଚନା ଅନୁଯାୟୀ ଶରତ ରାଉତଙ୍କ ନିଜ ପଞ୍ଚାୟତ ଗୋବର୍ଦ୍ଧନପୁର ସମେତ ସୁକିନ୍ଦାର ବିଭିନ୍ନ ଅଞ୍ଚଳ ମାନପୁର, ଅଲେଖପୁର, ଉଛବାଲି, ନଡ଼ିଆଭଙ୍ଗା, ଶାଳୀଜଙ୍ଗା ଏବଂ ନଛିପୁରା ପଞ୍ଚାୟତର ବିଭିନ୍ନ ଅଞ୍ଚଳ ବୁଲି ୩ ଦିନ ଧରି ରଜପର୍ବ ପାଳିଛନ୍ତି ଶ୍ରୀ ରାଉତ। ଗାଁମାନଙ୍କରେ ଶତାଧିକ ମହିଳା, ଯୁବକ, ଯୁବତୀ ଓ ଛୋଟ ପିଲା ମାନଙ୍କ ସହିତ ମିଶି ରଜ ପିଠା ଖାଇବା ଶହ ରଜ ଦୋଳି ଖେଳି ନିଜର ରାଜନୈତିକ ପତିଆରା ଜାହିର କରିଛନ୍ତି।

## ପତ୍ନୀ ହତ୍ୟା ଅଭିଯୋଗରେ ସ୍ୱାମୀ କୋର୍ଟଚାଲାଣ



**ସୁକିନ୍ଦା,୧୬।୬(ସମିସ):** ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ଜଣେ ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଥିବା ବେଳେ ପତ୍ନୀକୁ ମାରିଦେଇଥିବା ଅଭିଯୋଗରେ ପୁଲିସ ସ୍ୱାମୀକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡିଛି। ମୃତା ମହିଳା ପାଟପୁର ଗ୍ରାମ କୁସାଳ ମହାନ୍ତଙ୍କ ପୁଅ ଲିପୁ ମହାନ୍ତର ପତ୍ନୀ ସରୋଜିନୀ ମହାନ୍ତ(୨୫)। ସୂଚନା ଅନୁଯାୟୀ ଗତ ସୋମବାର ସକାଳେ ସରୋଜିନୀ ଘରେ କବାଟ ବନ୍ଦ କରି ରହିଥିବା ଦେଖି ଶାଶୁ ସଂଯୁକ୍ତା ରୁମ୍ କବାଟ ବାଡେଇଥିଲେ। ସରୋଜିନୀ କୌଣସି ଉତ୍ତର ନଦେବାରୁ ପରିବାର ଲୋକେ କବାଟ ଭାଙ୍ଗି ସରୋଜିନୀକୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସରୋଜିନୀକୁ ମୃତ ଘୋଷଣା କରିବା ସହ ସୁକିନ୍ଦା ପୋଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ୧୨୨/୨୦୨୬ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମୃତା ମହିଳାଙ୍କ ମା' ସଂଯୁକ୍ତା ସରୋଜିନୀକୁ ହତ୍ୟା କରାଯାଇଥିବା ନେଇ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରିବା ପରେ ଅଟକ ରଖିଥିବା ସ୍ୱାମୀ ଲିପୁକୁ ମଙ୍ଗଳବାର କୋର୍ଟଚାଲାଣ କରିଥିବା ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ରହସ୍ୟ ଉନ୍ମୋଚନ ହେବ ବୋଲି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ସୁକିନ୍ଦା,୧୬।୬(ସମିସ):** ରଜ ପର୍ବ ଅବସରରେ ଦୁର୍ଗାପୁର ଅଞ୍ଚଳର ଜଣେ ଯୁବକ ଶ୍ୱଶୁର ଘରକୁ ଯାଉଥିବା ସମୟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଆହତ ଯୁବକ କଳିଙ୍ଗନଗର ଥାନା ଅନ୍ତର୍ଗତ ଦୁର୍ଗାପୁର ଅଞ୍ଚଳର ଶିରା ଟାଓାରଙ୍କ ପୁଅ ବାପୁନ୍ ଟାଓାର(୨୦)। ମଙ୍ଗଳବାର ସନ୍ଧ୍ୟାରେ ବାପୁନ୍ ବାଇକ୍ ନେଇ ପାଟପୁର ଯାଉଥିବା ସମୟରେ ଶ୍ରୀରାମପୁର ପାଣିଟାଙ୍କି ନିକଟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ବାପୁନକୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

## ସାଂଗଠନିକ ବୈଠକରେ ଯୋଗଦେଲେ ପ୍ରଣବ



**ଯାଜପୁର,୧୬।୬(ସମିସ):** ମହେଶ୍ୱରପୁର ପଞ୍ଚାୟତର ନିଶ୍ଚନ୍ତା ଗ୍ରାମରେ ପଞ୍ଚାୟତ ସ୍ତରୀୟ ସାଂଗଠନିକ ବୈଠକରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି) ଯୋଗଦେଇ ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ମଜଭୁତ କରିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି। ଓଡ଼ିଶାର ଗଣପର୍ବ ଭାବେ ପାଳିତ ହେଉଥିବା ରଜ ପର୍ବର ସଂକ୍ରାନ୍ତି ଦିବସରେ ବନ୍ଧୁମିଳନ ନାଁରେ ସଂଗଠନ ସଜାଡୁଥିବା ଦେଖିବାକୁ ମିଳିଛି। ଆଗାମୀ ପଞ୍ଚାୟତ ନିର୍ବାଚନ ଓ ପରେ ପରେ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବୈଠକ ହୋଇଥିବା ଜଣାପଡିଛି। ପୂର୍ବ ସରକାରଙ୍କ ସଫଳତା ବର୍ତ୍ତମାନ ସରକାରଙ୍କ ବିଫଳତା ତଥା ବିଶେଷକରି ରାଜ୍ୟରେ ଆଇନ୍ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହେଉଥିବା କଥାକୁ ପ୍ରତ୍ୟେକ ପରିବାରରେ ପହଞ୍ଚାଇବାକୁ ପ୍ରଣବ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ବ୍ରଜ କିଶୋର ପାଢ଼ୀ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ମହାଲକ୍ଷ୍ମୀ ପାତ୍ର, ଦାମୋଦର ସାହୁ, ସ୍ଥାନୀୟ ସରପଞ୍ଚ ସୁଜିତ୍ ରାୟ, ଅଭିମନ୍ୟୁ ନାୟକ, ରବୀନ୍ଦ୍ର ବେହେରା, ସଦାନନ୍ଦ ସାମଲ, ବୀରକିଶୋର ରାଉତ୍, ଗୋପାଳ ତରେଇ, ନରସିଂହପୁର ସରପଞ୍ଚ ପ୍ରଶାନ୍ତ ଦାସ, ମନମୋହନ ପାଣିଗ୍ରାହୀ, ବସନ୍ତ ନାୟକ, ଦିଲ୍ଲୀପ ସାହୁ ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରୁ ସଂଗଠନକୁ ସଜାଡିବାକୁ ପାଇଁ ଏବେ ଠାରୁ ପ୍ରସ୍ତୁତି ହେବାକୁ କହିଥିଲେ। ଏହି ବୈଠକରେ ଶତାଧିକ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ଥିଲେ।

## ଉଚ୍ଚଶବ୍ଦକୁ ନେଇ ଗୋଷ୍ଠୀ ସଂଘର୍ଷ, ୧୨ ଗୁରୁତର

**ବ୍ରହ୍ମବରଦା,୧୬।୬(ସମିସ):** ବ୍ରହ୍ମବରଦା ଥାନା ଅଧୀନ ଅର୍ଥଙ୍ଗା ପଞ୍ଚାୟତର ଚଅପୋଇ ଗ୍ରାମ ମେଲଣ ପଡିଆ ଠାରେ ରଜ ଉତ୍ସବ ପାଳନ ଓ କ୍ରିକେଟ୍ ଖେଳ ସମୟରେ ମାଇକ୍ ସାଉଣ୍ଡ ବଜାଇବା ଏବଂ ବନ୍ଦ କରିବାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିବା ବେଳେ ଉଭୟ ପକ୍ଷର ୧୨ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ଉଭୟ ପକ୍ଷରୁ ବ୍ରହ୍ମବରଦା ଥାନାରେ ପୃଥକ ପୃଥକ ଅଭିଯୋଗ ଦାଖଲ ରଜ ଉତ୍ସବ ପାଳନ ଅବସରରେ ସାଉଣ୍ଡ ସିଷ୍ଟମ୍ ବ୍ୟବହାର କରୁଥିଲେ। ଉଚ୍ଚ ଶବ୍ଦର ସାଉଣ୍ଡ ଯୋଗୁଁ କ୍ରିକେଟ୍ ଖେଳରେ ବାଧା ସୃଷ୍ଟି ହେଉଥିବା ଦର୍ଶାଇ ଗୋପାଳସାହି ପକ୍ଷରୁ ସାଉଣ୍ଡ ବନ୍ଦ କରିବାକୁ କୁହାଯାଇଥିଲା। ହେଲେ ଏହାକୁ କେନ୍ଦ୍ର କରି ଉଭୟ ପକ୍ଷଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ମାରପିଟ ଘଟିଥିଲା। ଏହି ଘଟଣାରେ ଉଭୟ ପକ୍ଷର ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକଙ୍କ ମୁଣ୍ଡ,



ହୋଇଥିବା ବେଳେ ପୁଲିସ ୨୫/୨୬ ଓ ୨୬/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନରେ ଚଅପୋଇ ଗ୍ରାମ ମେଲଣ ପଡିଆଠାରେ ଗୋପାଳସାହିର କିଛି ଯୁବକ ମାଇକ୍ ବ୍ୟବହାର କରି କ୍ରିକେଟ୍ ଖେଳର ଆୟୋଜନ କରିଥିଲେ। ସେହି ସମୟରେ ସେହି ଗ୍ରାମର ଅନ୍ୟ ଏକ ପକ୍ଷ ଦଳିତସାହିର ଯୁବକମାନେ ମହିଳା, ଶିଶୁମାନଙ୍କୁ ନେଇ କାନ୍ଧ ଓ ଗୋଡ଼ରେ ଗୁରୁତର ଆଘାତ ଲାଗିଥିବା ଜଣାପଡ଼ିଛି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ଘଟଣାକୁ ନେଇ ଉଭୟ ପକ୍ଷଙ୍କ ତରଫରୁ ଏଫ୍ଆଇଆର୍ ରୁଜୁ ହୋଇଥିବା ବେଳେ ଅଭିଯୋଗ ପାଇବା ପରେ ବ୍ରହ୍ମବରଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଗାଡ଼ି ଧକ୍କାରେ ଜଣେ ମୃତ

ବ୍ରହ୍ମବରଦା,୧୬।୬(ସମିସ): ବ୍ରହ୍ମବରଦା ଥାନା ଅଧୀନସ୍ଥ ରୁଦ୍ରପୁର ପଞ୍ଚାୟତ ବଡବାଗସାହି ଗ୍ରାମରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡବାଗସାହି ଗ୍ରାମର ହରିହର ସାହୁଙ୍କ ପୁଅ ଅଭିମନ୍ୟୁ ସାହୁ (୫୦)। ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନରେ ଅଭିମନ୍ୟୁ ବଡବାଗସାହିରୁ ସାନବାଗସାହି ଅଭିମୁଖେ ଚାଲିଚାଲି ଯାଉଥିବା ବେଳେ ରାସ୍ତାରେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଦୁର୍ଘଟଣାରେ ଅଭିମନ୍ୟୁ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଭିମନ୍ୟୁଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବର ପାଇ ବ୍ରହ୍ମବରଦା ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କ ହସ୍ତାନ୍ତର କରାଯାଇଛି। ଏନେଇ ପୁଲିସ ୧୨୮/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

■ ଏସ୍‌ଆଇଆର୍ କାର୍ଯ୍ୟକ୍ରମ

# ଶ୍ରେଷ୍ଠ ସୁପରଭାଇଜର ଓ ବିଏଲ୍‌ଓଙ୍କୁ ସମ୍ବର୍ଦ୍ଧନା



ବାସୁଦେବପୁର,୧୬।୬(ସମିସ): ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଚାଲିଥିବା ଏସ୍‌ଆଇଆର୍ କାର୍ଯ୍ୟକ୍ରମରେ ବାସୁଦେବପୁର ବ୍ଲକ୍ ଓ ପୌରପାଳିକାରେ କାର୍ଯ୍ୟରତ ବୁଥ୍‌ସ୍ତରୀୟ ଅଧିକାରୀଙ୍କ କର୍ତ୍ତବ୍ୟନିଷ୍ଠାର ସହିତ ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ବାହ କରିଥିବାରୁ ବ୍ଲକ୍ କନ୍‌ଫରେନ୍ସ ହଲ୍ ପରିସରରେ ଆୟୋଜିତ ସଭାରେ ସମ୍ବର୍ଦ୍ଧିତ କରିଥିଲେ। ବାସୁଦେବପୁର ବ୍ଲକ୍‌ର ୧୯୧ ବିଏଲ୍‌ଓ ଏବଂ ପୌରପାଳିକାର ୨୭ ଜଣ ବିଏଲ୍‌ଓଙ୍କୁ ଏସ୍‌ଆଇଆର୍ କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଛି। ଏହି ବିଏଲ୍‌ଓମାନଙ୍କ କାମକୁ ତଦାରଖ କରିବାକୁ ବ୍ଲକ୍‌ସ୍ତରରେ ୧୯ ଜଣ ସୁପରଭାଇଜର ଓ ପୌରପାଳିକାର ୩ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରିଛନ୍ତି। ବିଏଲ୍‌ଓମାନେ ଇଏଫ୍ ଫର୍ମରେ ସମସ୍ତ ଭୋଟରଙ୍କ ନାମକୁ ଶତ ପ୍ରତିଶତ ଡିଜିଟାଇଜେସନ କରିବାରେ ସକ୍ଷମ ହୋଇଛନ୍ତି। ଦିନ ରାତି ଏକ୍ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ଦାୟିତ୍ୱ ନିର୍ବାହ କରିଥିବାରୁ ବାସୁଦେବପୁର ବ୍ଲକ୍ ଓ ପୌରପାଳିକାର ସୁନାମ ଆଣିଦେଇଛନ୍ତି। ବାସୁଦେବପୁର ବ୍ଲକ୍‌ରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଡିଓ ତନ୍ମିତା କର, ତହସିଲ୍‌ଦାର ପ୍ରିୟବ୍ରତ ଦାସ, ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଇଁ, ଆଇଆଇସି ନିରୋଜ କୁମାର ସାମଲ, ଆକାଉଣ୍ଟାଣ୍ଟ ସରୋଜ କୁମାର ଖୁଣ୍ଟିଆ, ଏବିଡିଓ ମୃତ୍ୟୁଞ୍ଜୟ ନାୟକ ଯୋଗଦେଇ ସୁପରଭାଇଜର ଓ ବିଏଲ୍‌ଓମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିଥିଲେ। ଶିକ୍ଷକ ଅମୀୟ କୁମାର ପାଣିଗ୍ରାହୀ ଆୟୋଜିତ ସଭାରେ ସଂଯୋଜନା କରିଥିଲେ।

# ବିଜେଡି ପକ୍ଷରୁ ଶୋକସଭା

ଦୋଳସାହି,୧୬।୬(ସମସି): ତିହିଡ଼ି ବ୍ଲକ୍ ତାଳପଦା ଗ୍ରାମ ପଞ୍ଚାୟତ ବିଜେଡି ସଭାପତି ହୃଦାନନ୍ଦ ପୁହାଣଙ୍କ ନେତୃତ୍ୱରେ ବରିଷ୍ଠ ରାଜନେତା ତଥା କାନ୍ତକବିଙ୍କ ନାତି ବାଣୀକଲ୍ୟାଣ ମହାପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ତାଳପଦା ସରପଞ୍ଚ ଜୟଶ୍ରୀ ବେହେରା ଓ ବିଜେଡି ନେତା ତଥା ଶିକ୍ଷାବିତ୍ କୃପାସିନ୍ଧୁ ଖୁଣ୍ଟିଆଙ୍କ ସମେତ ବିଜେଡି ଯୁବକର୍ମୀ ପ୍ରଶାନ୍ତ ଜେନା, ଉପେନ୍ଦ୍ର ଯେନା, ବସନ୍ତ ବେହେରା, ଦେବାଶିଷ ବେହେରା, ସୁରେଶ ଯେନା, ତ୍ରିଲୋଚନ ଯେନା, ଅଭୟ ଯେନା, ବାସନ୍ତୀ ଯେନା, ବ୍ରହ୍ମାନନ୍ଦ ମହାପାତ୍ର, ଶାନ୍ତନୁ ଯେନା, କାଶୀନାଥ ମାଝୀ, ବିଜୟ ନାୟକ, ଘନଶ୍ୟାମ ଦାସ, ନାରଣ ମହାନ୍ତି, ଗୌରହରି ଯେନା, ପଞ୍ଚାନନ ଯେନା, ବୈରାଗୀ ଯେନା, ଧନେଶ୍ୱର ଯେନା, ତପନ ମାଝୀ, ବୁଧିଆ ମାଝୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ଜନସେବା ତଥା ପରୋପକାରୀ ମନୋଭାବ ତାଙ୍କୁ ସବୁଦିନ ପାଇଁ ସ୍ମରଣ କରି ରଖିବ ବୋଲି ସ୍ମୃତିଚାରଣ କରିଥିଲେ।



# ଉତ୍କଳ ସେବା ନିବୃତ୍ତ ସେନାନୀ ସଂଘ ପକ୍ଷରୁ ସ୍ମୃତିସଭା

ଯାଜପୁର,୧୬।୬(ସମିସ): ବରିଷ୍ଠ ନାଗରିକ ଭବନରେ ଉତ୍କଳ ସେବା ନିବୃତ ସେନାନୀ ସଂଘ ଯାଜପୁର ତରଫରୁ ସଭାପତି ଭେଟରାନ ରବୀନ୍ଦ୍ର ନାଥ ଜେନାଙ୍କ ଅଧ୍ୟକ୍ଷତାରେ ଓ ସମ୍ପାଦକ ଭେଟରାନ ଆଦିତ୍ୟ କୁମାର ବଳଙ୍କ ପରିଚାଳନାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଆସାମର ଯୋରାହାଟ ସ୍ଥିତ ବାୟୁସେନା ବିମାନ ଘାଟିରେ ବାୟୁସେନାର ଏକ ଏଏନ - ୩୨ ପରିବହନ ବିମାନ ଅବତରଣ କରିବା ସମୟରେ ଦୁର୍ଘଟଣାଗ୍ରସ୍ତ ଯୋଗୁଁ ୫ ଜଣ ବୀର ସୈନିକ ସର୍ବୋଚ୍ଚ ବଳିଦାନ ନିଜର ପ୍ରାଣର ଆହୁତି ଦେଇଛନ୍ତି। ବୀର ସହିଦ ସୈନିକମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଉତ୍କଳ ସେବା ନିବୃତ ସେନାନୀ ସଂଘ ଯାଜପୁର ପକ୍ଷରୁ ଦୀପ ପ୍ରଜ୍ୱଳନ କରି ଈଶ୍ୱରଙ୍କ ନିକଟରେ ନୀରବ ପ୍ରାର୍ଥନା କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି।



**ରାଧାବଲ୍ଲଭପୁର ଓ ସାହୁ ସାହିରେ କୃତ୍ରିମ ବନ୍ୟା**

# ଘରେ ପଶିଲା ପୋଖରୀ ପାଣି; ବୁଡ଼ିଲା ଗାଁ ରାସ୍ତା

ଧାମନଗର,୧୬।୬(ସମିସ):

ଧାମନଗର ବ୍ଲକ୍ ରାଧାବଲ୍ଲଭପୁର ପଞ୍ଚାୟତରେ ପ୍ରଶାସନର ଚରମ ଅପାରଗତା ଓ ଅପରିଣାମଦର୍ଶୀ କାର୍ଯ୍ୟକଳାପ ଯୋଗୁଁ ଗାଁ ଲୋକେ କୃତ୍ରିମ ବନ୍ୟାର ସମ୍ମୁଖୀନ ହୋଇଛନ୍ତି। ସରକାରୀ ଅଧିକାରୀ ଓ ଜନପ୍ରତିନିଧିଙ୍କ ସଲାସୁତରା ଯୋଗୁଁ ଏହି ଦୁର୍ନୀତିର କରାଳ ରୂପ ଏବେ ପଦାରେ ପଡ଼ିଛି। ବର୍ତ୍ତମାନ ପର୍ଯ୍ୟନ୍ତ ମୌସୁମୀ ବାୟୁ ଓଡ଼ିଶା ଛୁଇଁ ନ ଥିବା ବେଳେ, କେବଳ ପ୍ରାକ୍ ମୌସୁମୀ ବର୍ଷାରେ ହିଁ ପୋଖରୀ ପାଣି ଉଛୁଳି ସମ୍ପୂର୍ଣ୍ଣ ଗାଁ ଦାଣ୍ଡକୁ ବୁଡ଼ାଇ ଦେଇଛି। ରାଧାବଲ୍ଲଭପୁର ଓ ସାହୁସାହି ଗାଁର ଲୋକଙ୍କ ଘରେ ଅପରିଷ୍କାର ପାଣି ପଶିଯିବା ଫଳରେ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ରାସ୍ତା ଉପରେ ଏବେ ଆଣ୍ଠୁଏ ପାଣି ଜମି ରହିଥିବାବେଳେ ସରସ୍ୱତୀ ମନ୍ଦିର ଅଞ୍ଚଳ ଏବଂ ବନ୍ଧଟିଆ ମଠ ପଛପଟ ସାହି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି।

ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଏହି ଅଞ୍ଚଳ କେବେ ବି ବନ୍ୟା ପ୍ରବଣ ନୁହେଁ। ବିଗତ ୫୦ ବର୍ଷ ଭିତରେ ଏଭଳି ସଂକଟଜନକ ପରିସ୍ଥିତି



କେବେ ହେଲେ ଉପୁଜି ନ ଥିଲା। ଏହି କାରଣରୁ ଲୋକେ ପୂର୍ବରୁ ରାସ୍ତାଠାରୁ ସାମାନ୍ୟ ଉଚ୍ଚରେ ଘର ନିର୍ମାଣ କରି ସୁରକ୍ଷିତ ଥିଲେ। ଗତବର୍ଷ 'ମନରେଗା' ଯୋଜନାରେ ପ୍ରାୟ ୧୦ ଲକ୍ଷ ଟଙ୍କା ବ୍ୟୟରେ ୨ ଏକର ପରିମିତ ଶିରିଗଡ଼ିଆ ଓ ହଜାରିଗଡ଼ିଆ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ କରାଯାଇଥିଲା। ସ୍ଥାନୀୟ ସରପଞ୍ଚଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତିରେ ହୋଇଥିବା ଏହି ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ସ୍ପଷ୍ଟ ଜଣାପଡ଼ିଛି। ପ୍ରକୃତ ପକ୍ଷେ ହଜାରିଗଡ଼ିଆ ପୋଖରୀର କୌଣସି ସଫେଇ କାର୍ଯ୍ୟ କରାଯାଇ ନ ଥିବାବେଳେ କେବଳ ଶିରିଗଡ଼ିଆ ପୋଖରୀର ପାଶ୍ୱର୍କୁ ସାଇଜ୍ କରି ଓ ଦଳ ସଫା କରି ସମ୍ପୂର୍ଣ୍ଣ ବିଲ୍ ପାସ୍ କରି ଆତ୍ମସାତ୍ କରାଯାଇଛି। ପ୍ରଶାସନର ଠିକାଦାରୀ ମନୋଭାବ ଗ୍ରାମବାସୀଙ୍କ ପାଇଁ ଅଭିଶାପ ପାଲଟିଛି। ବିକାଶ ନାଁରେ ଚାରିଆଡ଼େ ଉଚ୍ଚା କଂକ୍ରିଟ୍ ରାସ୍ତା ତ ତିଆରି କରାଗଲା, କିନ୍ତୁ ପୂର୍ବରୁ ଥିବା ପାରମ୍ପରିକ ଜଳ ନିଷ୍କାସନ ବ୍ୟବସ୍ଥା, ସୋଠ ଏବଂ ହ୍ୟୁମ୍ ପାଇପ୍‌ଗୁଡ଼ିକୁ ଅତି ଦାୟିତ୍ୱହୀନ ଭାବେ ବନ୍ଦ କରିଦିଆଗଲା। ପାଣି ବାହାରିବା ପାଇଁ କୌଣସି ବିକଳ୍ପ ପଥ ନ ରଖି କରାଯାଇଥିବା ଏହି ଅପରିଣାମଦର୍ଶୀ ଯୋଜନା ଯୋଗୁଁ ଆଜି ବର୍ଷା ଜଳ ଲୋକଙ୍କ ଶୋଇବା ଘରେ ପଶୁଛି। ଆଗକୁ ମୌସୁମୀ ଋତୁ ଆସୁଥିବାରୁ ପ୍ରବଳ ବର୍ଷା ହେଲେ ପରିସ୍ଥିତି ସମ୍ପୂର୍ଣ୍ଣ ଅସମ୍ଭାଳ ହେବା ନିଶ୍ଚିତ। ପ୍ରଶାସନର ଏହି ଦୂରଦୃଷ୍ଟିହୀନ ଓ ଜନବିରୋଧୀ କାର୍ଯ୍ୟକଳାପକୁ ପ୍ରତିବାଦ କରି ମଙ୍ଗଳବାର ଗ୍ରାମବାସୀଙ୍କ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଦି ତୁରନ୍ତ ଜଳ ନିଷ୍କାସନର ବିକଳ୍ପ ବ୍ୟବସ୍ଥା କରା ନ ଯାଏ ଏବଂ 'ମନରେଗା' ପ୍ରକଳ୍ପର ସ୍ୱଚ୍ଛ ତଦନ୍ତ ନ ହୁଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ରାଜପଥ ଅବରୋଧ ସହ ବଡ଼ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

- **ପୋଖରୀ ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ**
- **ପ୍ରାକ୍ ମୌସୁମୀ ବର୍ଷାରେ ଏମିତି ଅବସ୍ଥା; ମୌସୁମୀ ଆସିଲେ କ'ଣ ହେବ ଚିନ୍ତାରେ ଗ୍ରାମବାସୀ**

■ ଧୂଷୁରୀ-ପଙ୍ଗଟା ରାସ୍ତା ପାର୍ଶ୍ୱରେ ମଦ ଦୋକାନକୁ ବିରୋଧ

# ଆଞ୍ଚଳିକ ଜନଜାଗରଣ ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ

ଅସୁରାଳି,୧୬।୬(ସମିସ): ଧୂଷୁରୀରୁ ପଙ୍ଗଟା ରାସ୍ତା ପାଶ୍ୱର୍ରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନ ସ୍ଥାପନକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର



ଜନଅସନ୍ତୋଷ ପ୍ରକାଶ ପାଇଛି। ଏହି ଜନବିରୋଧୀ ନିଷ୍ପତ୍ତି ବିରୋଧରେ 'ଆଞ୍ଚଳିକ ଜନଜାଗରଣ ସୁରକ୍ଷା ମଞ୍ଚ' ପକ୍ଷରୁ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯିବା ସହ ଜିଲ୍ଲାପାଳ, ଅବକାରୀ ଅଧୀକ୍ଷକ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ପ୍ରସ୍ତାବିତ ସ୍ଥାନରେ ମଦ ଦୋକାନ ପ୍ରତିଷ୍ଠା ହେଲେ ଅଞ୍ଚଳର ଶାନ୍ତିଶୃଙ୍ଖଳା ବ୍ୟାହତ ହେବା ସହ ମହିଳା ଓ ସ୍କୁଲ-କଲେଜ ପଢୁଆ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ। ଏଥିସହିତ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା କରି ମଞ୍ଚ ପକ୍ଷରୁ ଏହି ଦାବିପତ୍ର ଦିଆଯାଇଛି। ଯଥାଶୀଘ୍ର ଏହି ପ୍ରସ୍ତାବକୁ ବାତିଲ୍ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରମୁଖ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହି ଦାବିପତ୍ର ପ୍ରଦାନ ସମୟରେ ଚତୁର୍ଭୁଜ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହାସହିତ ଅଞ୍ଚଳର ଆଶିଷ ଜେନା, ରଞ୍ଜନ କୁମାର ଭୂୟାଁ, ସୁଧୀର କୁମାର ନାୟକ, ବାଦଲ ବିଶ୍ୱାଳ, ନିଶିକାନ୍ତ ନାୟକ, ମାନସ ନାୟକ, ଆନନ୍ଦ ନାୟକ, ପୃଥ୍ୱୀରାଜ ନାୟକ, ବିକାଶ ନାୟକ, ପ୍ରକାଶ ନାୟକ, ରତ୍ନାକର ନାୟକ, ବିଭୁ କିଶୋର ନାୟକ, ଚିତ୍ତରଞ୍ଜନ ନାୟକ, ବିକାଶ କୁଅଁର ଓ ଯଶୋବନ୍ତ ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ଉପସ୍ଥିତ ରହି ଏହି ସାମାଜିକ ସୁରକ୍ଷା ଲଢ଼େଇକୁ ସମର୍ଥନ ଜଣାଇଥିଲେ।

# ସ୍ୱପ୍ନେଶ୍ୱର ମହାଦେବ ଓ ପାର୍ବତୀଙ୍କ ଲଗ୍ନଧରା ଉତ୍ସବ

ଦୋଳସାହି,୧୬।୬(ସମିସ): ତିହିଡ଼ି ଗ୍ରାମର ବାବା ସ୍ୱପ୍ନେଶ୍ୱର ମହାଦେବଙ୍କ ବିବାହ ଉତ୍ସବ ନିମନ୍ତେ ଲଗ୍ନଧରା କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ଆସନ୍ତା ୧୯ ତାରିଖ ଶୀତଳ ଷଷ୍ଠୀ ଅବସରରେ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଚଳିତ ବର୍ଷ ବରପିତା ଭାବେ କୁପାରୀ ଗ୍ରାମର ମନୋରଞ୍ଜନ ରାଉତ ଓ କନ୍ୟା ପିତା ଭାବେ ତିହିଡ଼ି ଗ୍ରାମର ଅନାଥ ବନ୍ଧୁ ପାତ୍ର ବିବାହ କାର୍ଯ୍ୟ ତୁଲାଇବେ। ଲଗ୍ନଧରା ସରିଲା ପରେ କନ୍ୟା ଘରୁ ଲଗ୍ନ ଚିଟାଉ ବରଘରକୁ ଯାଇଥିଲା। ପଣ୍ଡିତ ଲକ୍ଷ୍ମୀଧର କର, ନିରଞ୍ଜନ କର, ପଣ୍ଡିତ ଦେବଦତ୍ତ ଗ୍ରହାଚାର୍ଯ୍ୟ ଲଗ୍ନଧରା କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ। ଏହି ଲଗ୍ନାଧରା କାର୍ଯ୍ୟରେ ସଚ୍ଚିକାନ୍ତ ନାୟକ, ପାର୍ଥସାରଥୀ ନାୟକ, ଶରତ କର, ରମାକାନ୍ତ ନାଥ, ବିଷ୍ଣୁ ଚନ୍ଦ୍ର ଦାଶ, ପ୍ରଭାତ ରାଉଳ, ବିବେକାନନ୍ଦ ନାୟକ, ନିତ୍ୟାନନ୍ଦ ନାୟକ, ପି. ହୃଷୀକେଶ, ଘନଶ୍ୟାମ ଓଝା, ତପନ ନାୟକ, ଅଭିମନ୍ୟୁ ପାତ୍ର, ପ୍ରଦୀପ୍ତ ବେହେରା, ଲକ୍ଷ୍ମୀକାନ୍ତ ଗିରି, ସୁରେଶ ପାତ୍ର, ମହେନ୍ଦ୍ର ଓଝା, ରମେଶ ପଣ୍ଡା, ପୀତବାସ ପଣ୍ଡା, ସୋମନାଥ ପାଢ଼ୀ, ଗଦାଧର ପାଲ, ଗଙ୍ଗାଧର ବେହେରା, ନୀଳାମ୍ବର ବେହେରା, ହରିହର ଜେନା ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ସହିତ ଦୁଇ ପରିବାର ଉପସ୍ଥିତ ଥିଲେ।



# କିଡ୍‌ନୀ ରୋଗରେ ଆକ୍ରାନ୍ତ ବିଜୟଙ୍କୁ ସହାୟତା

■ ଅସହାୟଙ୍କୁ ସାହାଯ୍ୟର ହାତ ବଢ଼ାଇଲା ମାନବବାଦୀ ସଂଗଠନ

ଭଦ୍ରକ/ଆରଡ଼ି,୧୬।୬(ସମିସ): ଭଦ୍ରକ ଜିଲ୍ଲା ସୁନ୍ଦରପୁର ପଞ୍ଚାୟତ ଅଧୀନ କୁଲେଇପଦା ଗାଁର ବିଜୟ ଜେନା ଦୀର୍ଘ ବର୍ଷ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଘରେ ବସି ରହିଥିବାରୁ ପରିବାରର ୫ ପ୍ରାଣୀ କୁଟୁମ୍ବ ଓଳିଏ ଖାଇ ଓଳିଏ ଉପାସ ରହିବା ସହ ଦୁଃଖକଷ୍ଟରେ ଜୀବନ ବିତାଉଛନ୍ତି। ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ଭଦ୍ରକ ଜିଲ୍ଲା ମାନବବାଦୀ ସଂଗଠନର ସଦସ୍ୟ ବିଜୟଙ୍କ ଘରେ ପହଞ୍ଚି ସମସ୍ତ କଥା ବୁଝିବା ସହ ୧୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ବିଜୟ ଘରର ଏକମାତ୍ର ରୋଜଗାରିଆ ହୋଇଥିବାରୁ ତେଲ ଲୁଣ ସଂସାରରୁ ଯାହାକିଛି ପିଲାମାନଙ୍କ ପାଠପଢ଼ା ପାଇଁ ସଞ୍ଚୟ କରି ରଖିଥିଲେ ଦୀର୍ଘ ୩ ବର୍ଷ ହେବ କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ବିଭିନ୍ନ ମେଡିକାଲରେ ସେତକ ଟଙ୍କା ସରିଗଲାଣି। ଏବେ କିଭଳି ଚିକିତ୍ସା ହେବେ ଲେନେଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏପରି ସହାୟତାର ହାତ ବଢ଼ାଇଥିବା ମାନବବାଦୀ ସଂଗଠନର ସାନ୍ତନୁ କୁମାର ରାଉତ, ଭାଗବତ ତ୍ରିପାଠୀ, ଅନିନ୍ଦ୍ୟ କୁମାର ମହାନ୍ତି, ମଦନମୋହନ ନାୟକ, ସ୍ନେହଲତା ବେହେରା, ଶଶଧର ନାୟକ, ତ୍ରୈଲୋଚନ ବେହୁରିଆ, ରାହାସବିହାରୀ ନାୟକ, ଗୀତାରାଣୀ ଆଇଚ, ବାସୁଦେବ ବାରିକ, ଶଶିକାନ୍ତ ପାଢ଼ୀ, ରବୀନ୍ଦ୍ର କୁମାର ସାହୁ, ବୀଣାପାଣି ନାୟକ, ହରମୋହନ କୁଅଁର ପ୍ରମୁଖଙ୍କୁ ବିଜୟ ଧନ୍ୟବାଦ ଜଣାଇଥିଲେ। ମାନବବାଦୀ ସଂଗଠନର ଏପରି ପ୍ରୟାସକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଭୂରିଭୂରି ପ୍ରଶଂସା କରିଛନ୍ତି।



# ସପ୍ତଦଶ ବିଶ୍ୱ କର୍ଦ୍ଦମ ଦିବସ ପାଳିତ

ଅସୁରାଳି,୧୬।୬(ସମିସ): ଗୋବିନ୍ଦପୁର ପଞ୍ଚାୟତ ଦେଇ ବହିଯାଉଥିବା କପାଳୀ ନଦୀର କୋରୁଆ ଘାଟଠାରେ ରାଧାକାନ୍ତ ତ୍ରିପାଠୀ ସ୍ମୃତି କମିଟି ଓ ରେବ-କପାଳୀ ନଦୀ ସଂସ୍କାର କ୍ଷତିଗ୍ରସ୍ତ ମଞ୍ଚର ମିଳିତ ଆନୁକୂଲ୍ୟରେ ବିଶ୍ୱ କର୍ଦ୍ଦମ ଦିବସ ପାଳିତ ହୋଇଯାଇଛି। ସମାଜସେବୀ ଜଗନ୍ନାଥ କରଙ୍କ ଆହ୍ୱାନ କ୍ରମେ ଶତାଧିକ ପ୍ରକୃତିପ୍ରେମୀ ସେଠାରେ ଉପସ୍ଥିତ ହୋଇ ଦେହରେ କାଦୁଅ ବୋଳି ମଣିଷ ସମାଜ ପାଇଁ ଆର୍ଦ୍ର ମାଟିର ଆବଶ୍ୟକତା ସମ୍ପର୍କରେ ବାର୍ତ୍ତା ଦେଇଥିଲେ। ପଞ୍ଚଭୂତରେ ଗଢ଼ା ଶରୀର ପାଇଁ ପ୍ରକୃତିଦତ୍ତ ମାଟି, ପାଣି, ପବନର ବେଶ୍ ଗୁରୁତ୍ୱ ଅଛି ଓ ଜୀବଜଗତର ମୌଳିକ ଆବଶ୍ୟକତା ପୂରଣ ନିମନ୍ତେ ମାଟିର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଗୁରୁତ୍ୱକୁ ଉପଲବ୍ଧି କରି ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା, ମାନବାଧିକାର କର୍ମୀ, ପରିବେଶବିତ୍ ସ୍ୱର୍ଗତ ରାଧାକାନ୍ତ ତ୍ରିପାଠୀ ଆଜିର ଦିନ ଜୁନ୍ ୧୬ ତାରିଖକୁ ବିଶ୍ୱ କର୍ଦ୍ଦମ ଦିବସ ରୂପେ ୨୦୧୦ ମସିହାରେ ଆରମ୍ଭ କରିଥିଲେ। ଚଳିତ ବର୍ଷ ତାଙ୍କ ଆବର୍ତ୍ତମାନରେ ଭଦ୍ରକର ପ୍ରକୃତିପ୍ରେମୀମାନେ ଏହାକୁ ଦେହରେ କାଦୁଅ ବୋଳି ହେଇ ଅଭିନବ ଢଙ୍ଗରେ ପାଳନ କରିଛନ୍ତି। ସେମାନଙ୍କ ମଧ୍ୟରେ ମୁଖ୍ୟାଂଶରେ ପ୍ରକୃତିପ୍ରେମୀ ମନୋଜ ପଣ୍ଡା, ପରମାନନ୍ଦ ପଣ୍ଡା, କ୍ଷତିଗ୍ରସ୍ତ ମଞ୍ଚର ସଭାପତି ଭାଗିରଥି ବେହୁରିଆ, ସମ୍ପାଦକ ଶଙ୍କର୍ଷଣ ଦାସ, ଆବାହକ କାଳନ୍ଦୀ ମଲ୍ଲିକ ଓ ସଦସ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ସେଠୀ, ରାଧାକାନ୍ତ ସାହୁ, ରମାକାନ୍ତ ରାଉତ, ସୁଧାକର ସେଠୀ, ସଦାନନ୍ଦ ବେହୁରିଆ, ଗଙ୍ଗାଧର ବେହୁରିଆ, ରାଖାଲ ସାହୁ, ଗୋପବନ୍ଧୁ ଦାସ, ରାଜୁଆ ଦାସ, ରାମହରି ଦାସ, ରମାକାନ୍ତ ମହାକୁଡ଼, ରବୀନ୍ଦ୍ର ଦାସ, ଦିଗାମ୍ବର ଦାସ, ଅଜୟ ସେଠୀ, ରାଜେନ୍ଦ୍ର ସେଠୀ, ରାମକୃଷ୍ଣ ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି ଦିବସ ପାଳନର ଗୁରୁତ୍ୱ ଉପଲବ୍ଧି କରି ସମସ୍ତେ ଯତ୍ନଶୀଳ ହେବାକୁ ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ।



# ଅଧୁରା ରହିଗଲା ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ

ଦୋବଲ,୧୬।୬(ସମିସ):

ସରକାର ବଦଳିଲେ ଭାଗ୍ୟ ବଦଳେ ବୋଲି ସାଧାରଣରେ କୁହାଯାଏ। ହେଲେ ଦୋବଲ ବସ୍‌ଷ୍ଟାଣ୍ଡ କ୍ଷେତ୍ରରେ ଏହା ଓଲଟା ସାବ୍ୟସ୍ତ ହୋଇଛି। ସରକାର ବଦଳିବା ସହ ଦୋବଲ ଅଞ୍ଚଳବାସୀଙ୍କ ବର୍ଷ ବର୍ଷର ସ୍ୱପ୍ନ ଏବେ ଅଧାବାଟରେ ଅଟକି ଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସରକାର ଆସିବା ପୂର୍ବରୁ ଯେଉଁ ସ୍ଥାନୀୟ ନେତାମାନେ 'ଦୋବଲ ବସ୍‌ଷ୍ଟାଣ୍ଡ ସୁରକ୍ଷା ମଞ୍ଚ' ଗଠନ କରି ଗାଁ ଗାଁ ବୁଲି ଲୋକଙ୍କୁ ଏକାଠି କରୁଥିଲେ, ଆନ୍ଦୋଳନ ଓ ରାସ୍ତାରୋକର ଚେତାବନୀ ଦେଉଥିଲେ, ସେମାନେ ଏବେ କ୍ଷମତା ପାଇବା ପରେ ସମ୍ପୂର୍ଣ୍ଣ ନିରବ ସାଜିଛନ୍ତି। ୨୦୨୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୋବଲଠାରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଭର୍ଚୁଆଲ୍ ମାଧ୍ୟମରେ ଶିଳାନ୍ୟାସ ସ୍ଥାପନ କରିଥିଲେ। ଏଥିପାଇଁ ସମୁଦାୟ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିଲା। ଯାତ୍ରୀଙ୍କ ସୁବିଧା ପାଇଁ ବିଶ୍ରାମାଗାର, ଡ୍ରାଇଭରଙ୍କ ରେଷ୍ଟ ରୁମ୍, ଅତ୍ୟାଧୁନିକ ଶୌଚାଳୟ ଆଦିର ନକ୍ସା ପ୍ରସ୍ତୁତ ହୋଇଥିଲା। ଏହି କାର୍ଯ୍ୟ ପାଇଁ ମୁସ୍ତଫାପୁର ମୌଜାର ଘୋଡ଼ାଗଣ୍ଡ ନାଳ ପାଖରେ ଥିବା ସରକାରୀ ଜମିକୁ ଚିହ୍ନଟ କରାଯାଇ ଠିକାଦାର ପ୍ରାୟ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରି କାମ ମଧ୍ୟ ଆରମ୍ଭ କରିଥିଲେ। ହେଲେ ରାଜ୍ୟରେ ଶାସନ ପରିବର୍ତ୍ତନ ହେବା ମାତ୍ରେ ହିଁ ଏହି ପ୍ରକଳ୍ପ ଉପରେ ଗ୍ରହଣ



ଲାଗିଗଲା। ନୂଆ ସରକାର ଆସିବା ପରେ ସେଠାରେ କାମ ସମ୍ପୂର୍ଣ୍ଣ ବନ୍ଦ କରିଦିଆଗଲା। ଯାହାଫଳରେ ପୂର୍ବରୁ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ସରକାରୀ ଟଙ୍କା ପାଣିରେ ପଡ଼ିବା ସଦୃଶ ହୋଇଛି। ଅପରପକ୍ଷରେ, ଦୋବଲ ବଜାର ଷ୍ଟେଟ୍ ବ୍ୟାଙ୍କ ସାମ୍ନାରେ ଥିବା ପୁରୁଣା ବସ୍‌ଷ୍ଟାଣ୍ଡର ସ୍ଥିତି ଦିନକୁ ଦିନ ଅତି ଶୋଚନୀୟ ହେବାରେ ଲାଗିଛି।

ମୁସ୍ତଫାପୁର ମୌଜାର ଖାତା ନଂ ୬୧୩, ପ୍ଲଟ୍ ନଂ ୭୩୨ ଅନ୍ତର୍ଗତ ଏହି ପ୍ରାୟ ୬୦-୭୦ ବର୍ଷର ପୁରୁଣା ବସ୍‌ଷ୍ଟାଣ୍ଡ ଜମିକୁ ଚାରିଆଡୁ ଆବଦ୍ଧ କରି କବ୍‌ଜା କରାଯାଉଛି। ବସ୍‌ଷ୍ଟାଣ୍ଡକୁ ଲାଗି ରହିଥିବା ଆରାଧନାସ୍ଥଳୀ ଓ ମସ୍‌ଜିଦ ପାର୍ଶ୍ୱରୁ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକ ବାରମ୍ବାର ମାଟି ପକାଇ ସ୍ଥାନଟିକୁ ଉଚ୍ଚା କରୁଛନ୍ତି। କେବଳ ସେତିକି ନୁହେଁ, ବସ୍‌ଷ୍ଟାଣ୍ଡରୁ ଜଳ ନିଷ୍କାସନ ପାଇଁ ଥିବା ହ୍ୟୁମ୍ ପାଇପ୍‌କୁ ମଧ୍ୟ ବନ୍ଦ କରିଦିଆଯାଇଛି। ଫଳରେ ସାମାନ୍ୟ ବର୍ଷା ହେଲେ ପୁରୁଣା ବସ୍‌ଷ୍ଟାଣ୍ଡ ପରିସରରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଛି। ଯାତ୍ରୀମାନେ ବାଧ ହୋଇ ମୁଖ୍ୟ ରାସ୍ତା ଉପରେ ବିପଦପୂର୍ଣ୍ଣ ଭାବେ ବସ୍‌କୁ ଅପେକ୍ଷା କରୁଛନ୍ତି, ଯାହାଦ୍ୱାରା ପ୍ରତିଦିନ ସେଠାରେ ଦୁର୍ଘଟଣାର ଆଶଙ୍କା ଓ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ୨୦୨୨ ଜୁଲାଇ ଓ ଅଗଷ୍ଟ ମାସରେ ଏହି ଜମି ବିବାଦକୁ ନେଇ ଦୋବଲରେ ନିଆଁ କୁହୁଳୁଥିଲା। ତତ୍କାଳୀନ ତହସିଲ୍‌ଦାର କ୍ଷୀରୋଦ ପଣ୍ଡାଙ୍କ ଅଧପନ୍ତରିଆ ମାପଚୁପକୁ ବିରୋଧ କରି 'ଦୋବଲ ବସ୍‌ଷ୍ଟାଣ୍ଡ ସୁରକ୍ଷା ମଞ୍ଚ' ସାମ୍ବାଦିକ ସମ୍ମିଳନୀ କରି ପ୍ରଶାସନ ଉପରେ ବର୍ଷିଥିଲା। ସେତେବେଳର ବିରୋଧୀ ଦଳର ନେତା ଅମୀୟ ମହାନ୍ତି, ଅରବିନ୍ଦ ପତି, ରଞ୍ଜିତ୍ ମହାନ୍ତି, ମଦନମୋହନ ଦାସ ପ୍ରମୁଖ ଘନଘନ ବୈଠକ କରି ଆନ୍ଦୋଳନର ହୁଙ୍କାର ଦେଉଥିଲେ। ସେହିପରି ୨୦୨୨ ଅଗଷ୍ଟ ୨୪ରେ ଶାସକ ଦଳର ନେତା ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ଉଭୟ ସମ୍ପ୍ରଦାୟକୁ ନେଇ ବୈଠକ ବସିଥିଲା ଓ ସମାଧାନର ପ୍ରତିଶ୍ରୁତି ଦିଆଯାଇଥିଲା। ସେତେବେଳେ ତତ୍ପରତା ଦେଖାଉଥିବା ସେହି ନେତାମାନେ ଆଜି ନିଜ ସରକାର ଥାଇ ମଧ୍ୟ କାହିଁକି ଚୁପ୍? କେବଳ ରାଜନୈତିକ ଫାଇଦା ପାଇଁ ସେତେବେଳେ ଜନଅସନ୍ତୋଷକୁ ବ୍ୟବହାର କରାଯାଇଥିଲା କି ନା ପ୍ରସ୍ତାବିତ ନୂଆ ଜାଗାରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ହୋଇପାରିଲା, ନା ପୁରୁଣା ବସ୍‌ଷ୍ଟାଣ୍ଡକୁ ଜବରଦଖଲମୁକ୍ତ କରାଯାଇ ପାରିଲା। ପ୍ରଶାସନ ଓ ସ୍ଥାନୀୟ ନେତୃବୃନ୍ଦଙ୍କ ଏହି ନିରବତା ଏବେ ଦୋବଲବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଯଦି ତୁରନ୍ତ ଏହାର ସ୍ଥାୟୀ ସମାଧାନ କରା ନ ଯାଏ, ତେବେ ଆଗାମୀ ଦିନରେ ସାଧାରଣ ଜନତା ସ୍ୱତଃସ୍ଫୂର୍ତ୍ତ ଭାବେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

- **୨୦୨୩ରେ ନବୀନ ପଟ୍ଟନାୟକ କରିଥିଲେ ଶିଳାନ୍ୟାସ**
- **ସରକାର ବଦଳିଗଲା ପରେ କାମ୍ ଠପ୍**
- **ଆଣ୍ଠୁଏ ପାଣିରେ ଯିବାଆସିବା କରୁଛନ୍ତି ଯାତ୍ରୀ**

# ଜୟନ୍ତରା ବିଦ୍ୟାଳୟରେ ଗୁରୁପୂଜନ ଉତ୍ସବ

ଦଶରଥପୁର/କୟାଗୋଲା,୧୬।୬(ସମିସ): ଦଶରଥପୁର ବ୍ଲକ ଜୟନ୍ତରା ସ୍ଥିତ ସ୍ୱାମୀ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ୧୯୯୮ ମସିହା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରଜ ପର୍ବ ପରିପ୍ରେକ୍ଷୀରେ ବ୍ୟାଚର ଛାତ୍ରଛାତ୍ରୀ ବିଦ୍ୟାଳୟର ଶିକ୍ଷକ ଦିଗାମ୍ବର ସାମଲ, ଦେବେନ୍ଦ୍ର କୁମାର ନାୟକ, ପଣ୍ଡିତ ପୀତବାସ ପାଣିଗ୍ରାହୀ, ମଧୁସୂଦନ ସାହୁ, ଅଦ୍ୱୈତ୍ୟ କୁମାର ଦାସ, କମଳ ଲୋଚନ ବେହୁରିଆ, ବ୍ରଜକିଶୋର ରାଉତ୍, ବିପିନ କୁମାର ରାୟ, କୁଳମଣି ସେଠୀ ଓ ଶିକ୍ଷୟିତ୍ରୀ କମଳା ଦାସଙ୍କ ସମେତ ବିଦ୍ୟାଳୟର କର୍ମଚାରୀଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ କାମନା କରିଥିଲେ। ପରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଛାତ୍ରଛାତ୍ରୀଙ୍କ ତରଫରୁ ପୁଷ୍ପ ଗୁଚ୍ଛ, ଉତ୍ତରୀୟ,ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବ୍ୟାଚର ଛାତ୍ର ପ୍ରମୋଦ ବାରିକ, ବାସୁଦେବ ବାହାଦୁର, ଦିଲ୍ଲୀପ କର, ସରୋଜିନୀ ବେହେରା ଓ ସ୍ନେହମୟୀ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟ ଜୀବନକୁ ମନେପକାଇ ଭାବବିହ୍ୱଳ ହୋଇପଡିବା ସହିତ ପ୍ରତିବର୍ଷ ଏହି ଉତ୍ସବ ଆୟୋଜନ କରିବାକୁ ଏକମତ ହୋଇଥିଲେ। ଉତ୍ସବ ପରିଚାଳନାରେ ସମସ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ଲୋକେ ସହଯୋଗ କରିଥିଲେ।



### ଗଣପର୍ବ ରଜ ଉପଲକ୍ଷେ ଗାଁରୁ ସହର ଉତ୍ସବମୁଖର

# ସବୁଠି ପିଠା, ମିଠା, ପାନର ବାସ୍ନା ଓ ଦୋଳି ଖେଳ

ଧାମନଗର,୧୬।୬(ସମିସ)

ଧାମନଗର ବ୍ଲକ୍ ଓ ସହରାଞ୍ଚଳରେ ବିଭିନ୍ନ ସ୍ଥାନରେ ରବିବାରଠାରୁ ବସୁମତୀ ସ୍ନାନ ଯାଏଁ ତିନି ଦିନ ଧରି କୃଷିଭିତ୍ତିକ ଗଣପର୍ବ ରଜ ଉତ୍ସବ ଶୁଭାରମ୍ଭ ହୋଇ ମଙ୍ଗଳବାର ଶେଷ ହୋଇଛି। ପହିଲି ରଜଠାରୁ ଧରିତ୍ରୀ ମାତା ରଜସ୍ୱଳା ହୋଇଥିବାବେଳେ ଏହି ଅବସରରେ ଘରେ ଘରେ ନୂଆ ନୂଆ ବସ୍ତ୍ର ଓ ପିଠାପଣାର ସମ୍ଭାର ଦେଖିବାକୁ ମିଳିଥିଲା। ରଜ ପର୍ବର ମୁଖ୍ୟ ଆକର୍ଷଣ ଗାଁର ତୋଟାରେ ପଟା ଦୋଳି ଓ ବାଗୁଡ଼ି ଖେଳ ହୋଇଥିବାବେଳେ କେଉଁଠି ଦୋଳି ସହିତ ଓ ରଜ ସୁନ୍ଦରୀ ପ୍ରତିଯୋଗିତାକୁ ଲୋକେ ବେଶ୍ ଉପଭୋଗ କରିଥିଲେ। ଏହା ସତ୍ତ୍ୱେ ପଟା ଦୋଳିର ଆଦର କମିନାହିଁ ବୋଲି କୁହାଯାଇଛି।

ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ବିଭିନ୍ନ ପର୍ବପର୍ବାଣୀ ପାଳନ ମାଧ୍ୟମରେ ଉଜ୍ଜୀବିତ ହୋଇ ରହିଥାଏ। ସେଥିମଧ୍ୟରୁ ଉତ୍କର୍ଷ କଳାର ମାଟି






ଥିବାବେଳେ ଏବର୍ଷ ରଜପର୍ବ ଅବସରରେ ଘରେ ଘରେ ନାନାଦି ସୁସ୍ୱାଦୁ ପିଠାପଣା ଆଦିର ଆସର ଜମିଥିଲା। ଦୈନନ୍ଦିନ ଜୀବନରୁ ଟିକେ ବିରତି ନେଇ ନିଜ ପରିବାର, ସାଙ୍ଗସାଥୀ ପ୍ରିୟଜନଙ୍କ ସହିତ ଏହି ପର୍ବର ପାଳନ କରିଥିଲେ ଲୋକେ। ଅବିବାହିତ ଝିଅ ତଥା ନାରୀମାନେ ନୂତନ ବସ୍ତ୍ର ପିନ୍ଧିବା ସହ ସାଙ୍ଗମାନଙ୍କ ମେଳରେ ବୁଲିଥିଲେ। ଗ୍ରାମାଞ୍ଚଳର ପୁଅମାନେ ମିଶି ଲୁଡୁ, ତାସ୍, ପଶା, ବାଗୁଡ଼ି, କବାଡ଼ି ଆଦି ଖେଳ ଖେଳିଥିଲେ। ଏବେ ଏହି ପର୍ବରେ ଆଧୁନିକତା ଭରି ଯାଇଥିଲେ ମଧ୍ୟ କିଛି ସ୍ଥାନରେ ଝିଅମାନେ ଦୋଳି ଖେଳ ସହ ପୁଚି ଖେଳୁଥିବାର ଦେଖାଯାଇଥିଲା। ଗାଁ ଗାଁରେ ଦୋଳି କମ୍ ବନ୍ଧା ଯାଇଥିବାବେଳେ ପିଲାଏ ପାର୍କମାନଙ୍କରେ ଦୋଳି ଖେଳୁଥିଲେ। ଏଥର ରଜରେ ବିଭିନ୍ନ ପିଠାପଣାର ଆସର ଜମିଥିଲା। ପୋଡ଼ପିଠା, ଚକୁଳି, ମଣ୍ଡା, କାକରା, ଆରିସା, ଛୁଞ୍ଚିପତ୍ର ଆଦି ପିଠାର ମହକରେ ମହକିଥିଲା ଗାଁଠୁ ସହର।

ରଜରେ ରଜପାନର ଚାହିଦା ଖୁବ୍ ଅଧିକ। ସ୍ନେହରେ ପରସ୍ପରକୁ ଘର ପାନ କମ୍ ଦୋକାନ ପାନ ଖୁଆଉଥିବାର ଦେଖାଯାଇଥିଲା। ଅଧିକାଂଶ ଗ୍ରାମରେ ରଜ ମହୋତ୍ସବ ପାଳନ ହୋଇଥିଲା। କୃଷିଭିତ୍ତିକ ସହ ନାରୀ ଓ ନାରୀତ୍ୱର ପ୍ରତୀକ ଅଟେ ରଜ ପର୍ବ। ଉତ୍କଳୀୟ ପରମ୍ପରାରେ ନାରୀ ସବୁବେଳେ ସମ୍ମାନର ଅଧିକାରିଣୀ। ଜାୟା, ଜନନୀ, ଭଗିନୀ ଆଦି ରୂପରେ ନାରୀ ପ୍ରେମ, ଶ୍ରଦ୍ଧା, ସ୍ନେହ ଦେଇ ଆମ ଜୀବନକୁ ପରିପୂର୍ଣ୍ଣ କରିଥାଏ। ସେହି ନାରୀର ସମ୍ମାନାର୍ଥେ ଏହି ପର୍ବ ଉତ୍ସର୍ଗୀକୃତ। ତେବେ ଏହି ଗଣପର୍ବ ରଜ ତିନି ଦିନ ଧରି ମହାସମାରୋହରେ ପାଳିତ ହୋଇଯାଇଛି।



ଆମ ଉତ୍କଳର କୃଷିଭିତ୍ତିକ ମାଟି ଓ ଆକାଶର ମିଳନର ତ୍ରିଦିବସୀୟ ଗଣପର୍ବ ହେଉଛି ରଜପର୍ବ। ଜ୍ୟେଷ୍ଠ ମାସ ଶେଷ ଦିନ ମାସନ୍ତକୁ ପହିଲି ରଜ, ଆଷାଢ଼ ମାସ ପ୍ରଥମ ଦିନ ସଂକ୍ରାନ୍ତିକୁ ମଝି ରଜ ବା ରଜ ସଂକ୍ରାନ୍ତି, ଦ୍ୱିତୀୟ ଦିନକୁ ଶେଷ ରଜ ବା ଭୂମିଦହନ କୁହାଯାଏ। ଏହି ପର୍ବର ଶେଷ ଦିନ ବସୁମତୀ ସ୍ନାନ କରାଯାଏ। ଆଷାଢ଼ ମାସରେ ପ୍ରଥମ ବର୍ଷାର ଆଗମନରେ ମେଘ ଓ ମାଟିର ମିଳନ ହୁଏ। ମାଟି ମା' ହୁଏ ରଜସ୍ୱଳା। କୃଷିପ୍ରଧାନ ରାଜ୍ୟ ଭାବେ ଖ୍ୟାତି ଲାଭ କରିଥିବା ଆମ ଓଡ଼ିଶାର ମାଟି ମା' ବହୁ କିସମର ଫସଲ ଫଳାଇ ଆମରି ହାତରେ ଅଜାଡ଼ି ଦିଏ। ମା'ଟିଏ ଯେମିତି ପ୍ରଜନନ ପୂର୍ବରୁ ବିଶ୍ରାମ ଆବଶ୍ୟକ କରେ, ସେମିତି ପ୍ରଜନନକ୍ଷମ ହେବାକୁ ଯାଉଥିବା ମାଟି ମା'କୁ ରଜ ତିନିଦିନ ବିଶ୍ରାମ ଦିଆଯାଏ ବୋଲି ବିଶ୍ୱାସ ରହିଛି। ପହିଲି ରଜରେ ଆରମ୍ଭ ହୁଏ କୃଷି କାର୍ଯ୍ୟର ପ୍ରସ୍ତୁତି ପର୍ବ। ଏବେ ଗାଁ ଆଉ ସହର ମଧ୍ୟରେ ଖୁବ୍ କମ୍ ପାର୍ଥକ୍ୟ

## ଆଧ୍ୟାତ୍ମିକତାର ସହ ରଜ ପାଳିଲେ ଦକ୍ଷିଣବାଡ଼ ଗ୍ରାମବାସୀ




ଭଣ୍ଡାରିପୋଖରୀ,୧୬।୬(ସମିସ): ଭଣ୍ଡାରିପୋଖରୀ ଅଞ୍ଚଳରେ ଚାରିଆଡ଼େ ବିଭିନ୍ନ ପ୍ରକାରର ଦୋଳି ଏବଂ ନାଚ ଗୀତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଥିବାବେଳେ ଦକ୍ଷିଣବାଡ଼ ଗ୍ରାମବାସୀମାନେ ପ୍ରତି ବର୍ଷ ହରିମଣ୍ଡପଠାରେ ତ୍ରିଦିବସୀୟ ଶ୍ରୀମଦ୍ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ କରି ଏକ ନିଆରା ଢଙ୍ଗରେ ପାଳନ କରିଛନ୍ତି ଗ୍ରାମବାସୀବୃନ୍ଦ। ରବିବାର ପ୍ରାତଃ କାଳରେ ଶୁଭ କଳସ ସ୍ଥାପନ ଓ ଷୋଡ଼ଶ ଉପଚାର ପୂଜା ପରେ ଭାଗବତ ପାରାୟଣ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମରେ ବ୍ୟାସ ଭାବରେ ପଣ୍ଡିତ ନାରାୟଣ ପଣ୍ଡା ଦାୟିତ୍ୱ ସମ୍ପାଦନ କରୁଥିବାବେଳେ ଧାରକ ଭାବେ ସନ୍ତୋଷ ପଣ୍ଡା ଓ ଅମୂଲ୍ୟ ପଣ୍ଡା ସହଯୋଗ କରିଥିଲେ। ମୁଖ୍ୟ କର୍ତ୍ତା ରୂପେ ଲଲାଟେନ୍ଦୁ ସାହୁ ସଂକଳ୍ପ କରିଥିବାବେଳେ ମାୟାଧର ବାରିକ ଓ ମାନସ ଦାଶ ଅନ୍ୟତମ ଶ୍ରୋତା ରୂପେ କାର୍ଯ୍ୟ ତୁଲାଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାର ବିଶିଷ୍ଟ କଥାବାଚକ ପଣ୍ଡିତ ଅଶୋକ ଦାଶ ପ୍ରବଚନ ଦେଇଥିବା ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଆଜକୁ ୪୦ ବର୍ଷ ପୂର୍ବେ ଗ୍ରାମର କିଛି ତରୁଣ ଏହି କାର୍ଯ୍ୟକ୍ରମ ରଜ ସମୟରେ ଆରମ୍ଭ କରି ଏହି ଗ୍ରାମରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଜନ ସମାରୋହ, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ମଧ୍ୟ ହୋଇଯାଇଛି ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

### ■ ଆମ ମାତୃଭାଷା ପରିଷଦର ରଜ ସଂକ୍ରାନ୍ତି ଆସର

## 'ପଲ୍ଲୀଚେତନାରେ ସାହିତ୍ୟର ଭାବ ଫୁଟି ଉଠେ'




ଭଦ୍ରକ,୧୬।୬(ସମିସ): ଆମ ମାତୃଭାଷା ପରିଷଦର ରଜ ସଂକ୍ରାନ୍ତି ଆସର ସାମରାଇପୁର କଲ୍ୟାଣୀନଗର ସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଏକାଡେମୀ ସଦସ୍ୟ ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦଘାଟନ କରିଥିଲେ। 'ସାହିତ୍ୟ ଓ ପଲ୍ଲୀଚେତନାରେ ରଜପର୍ବ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାସ, ମୁଖ୍ୟବକ୍ତା ଶିକ୍ଷାବିତ୍ ଅମୂଲ୍ୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡ. ଭରତ ଚନ୍ଦ୍ର ଦାଶ, ବରେଣ୍ୟ ଅତିଥି ଅଧ୍ୟକ୍ଷ ନିହାର ରଞ୍ଜନ କର, ବିଶେଷ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ଅଧ୍ୟକ୍ଷ କୃପାସିନ୍ଧୁ ନାୟକ, ବେଷ୍ଟ ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଇଂ.ରବୀନ୍ଦ୍ର କୁମାର ଜେନା, ପ୍ରାକ୍ତନ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ଅଧ୍ୟାପକ ରମାକାନ୍ତ ମହାଲିକ, ଶିକ୍ଷାବିତ୍ ଗୟାଧର ପଣ୍ଡା, ଲକ୍ଷ୍ମଣ କୁମାର ମହାନ୍ତି, ନାରାୟଣ ଚନ୍ଦ୍ର ପାଢ଼ୀ, ସତ୍ୟପ୍ରକାଶ ସେଠୀ ପ୍ରମୁଖ ପଲ୍ଲୀଚେତନା ମଧ୍ୟରେ ଓଡ଼ିଆ ସାହିତ୍ୟରେ ଅସ୍ମିତାର ଭାବ ନିଗୁଢ଼ ଭାବେ ଅନ୍ତର୍ନିହିତ ହୋଇ ରହିଛି ଓ ପଲ୍ଲୀଚେତନା ହିଁ କବିର ଭାବକୁ କବିତାରେ ପରିସ୍ଫୁଟନ କରିଥାଏ। ଏଣୁ ସାହିତ୍ୟ ଓ ପଲ୍ଲୀଚେତନାକୁ ପର୍ବପର୍ବାଣୀ ହିଁ ସ୍ୱୟଂସମ୍ପୂର୍ଣ୍ଣ କରିବାରେ ସାହାଯ୍ୟ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଅଜୟ କର, କବୟିତ୍ରୀ ମାନସୀ ସୂତାର ଓ ଶିକ୍ଷୟିତ୍ରୀ ସାବିତ୍ରୀ ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ଅଧିବକ୍ତା ରାଖାଲ ଚନ୍ଦ୍ର ସ୍ୱାଇଁ, ଶିଶୁ କବି ଅଂଶୁମାନ ସ୍ୱାଇଁ, ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ବିଜୟ କୁମାର ବହଳୀ, ସଙ୍ଗୀତ ନାଟକ ପୁରସ୍କାରପ୍ରାପ୍ତ ଗୌରାଙ୍ଗ ଚନ୍ଦ୍ର ବାରିକ, ସୁବାସ ଚନ୍ଦ୍ର ବଳ, କୈଳାସ ଦାସ, ଅଧିବକ୍ତା ମନୋରଞ୍ଜନ ଦାସ, ସରୋଜିନୀ ନାୟକ, ସାବିତ୍ରୀ ବାନାର୍ଜୀ, ନମିତାରାଣୀ ମହାନ୍ତି, ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା, ମହେଶ୍ୱର ସାହୁ, ନିରଞ୍ଜନ ନାୟକ, ଶ୍ରଦ୍ଧାଞ୍ଜଳି ମିଶ୍ର, ବିପ୍ଳବ ହୋତା, ଶରତ ରାଉତ, ମୁକ୍ତିକାନ୍ତ ଓଝା, ବସନ୍ତ ମହାନ୍ତି ପ୍ରମୁଖ ସ୍ୱରଚିତ ରଜ କବିତା ପାଠ କରିଥିଲେ। ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ମଞ୍ଚ ଆହ୍ୱାନ, ଗାୟିକା ଗାୟତ୍ରୀ ଦାଶ ପ୍ରାରମ୍ଭିକ ଭଜନ ପରିବେଷଣ, ପ୍ରତିଷ୍ଠାତା ସମ୍ପାଦକ ଡ. ଅନିଲ ଦାଶ ସମ୍ପାଦକୀୟ ପାଠ, ଶେଷରେ ସହସମ୍ପାଦିକା ମମତାରାଣୀ ଦାଶମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୁମାରୀ ଖେଳିଲେ ଦୋଳି, ଖାଇଲେ ପାନ

ବାରିକପୁର,୧୬।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳର ବିଭିନ୍ନ ସ୍ଥାନରେ ତିନି ଦିନ ଧରି ରଜ ଉତ୍ସବ ପାଳିତ ହୋଇଯାଇଛି। ଗତ ରବିବାରଠାରୁ ବସୁମତୀ ସ୍ନାନ ଯାଏଁ କୃଷିଭିତ୍ତିକ ଗଣପର୍ବ ରଜ ଉତ୍ସବ ଶୁଭାରମ୍ଭ ହୋଇଥିଲା। ପହିଲି ରଜଠାରୁ ଧରିତ୍ରୀ ମାତା ରଜସ୍ୱଳା ହୋଇଥିବାବେଳେ ଏହି ଉପଲକ୍ଷେ ଘରେ ଘରେ ନୂଆ ନୂଆ ବସ୍ତ୍ର ଓ

**ରଜ ଉତ୍ସବ ଶେଷ ଦିନରେ ଭିଜାଇଲା ବର୍ଷା**



ପିଠାପଣାର ସମ୍ଭାର ଦେଖିବାକୁ ମିଳିଥିଲା। ସମ୍ପ୍ରତି ଅନୁକରଣୀୟ ପାଶ୍ଚାତ୍ୟ ଅଭିମୁଖୀ ଚିନ୍ତା ଚେତନା ମଧ୍ୟରେ ଯଦିଓ ଉତ୍ସବ କେତେକାଂଶରେ ଫିକା ପଡ଼ିଛି ତଥାପି ପରମ୍ପରା ଅନୁଯାୟୀ, ଆବାଳ ବୃଦ୍ଧ ବନିତା ରଜ ଉତ୍ସବକୁ ପାଳନ କରିଛନ୍ତି। ଉତ୍ସବର ପରମ୍ପରା ଅନୁଯାୟୀ, ସାଙ୍ଗସାଥି ହୋଇ ପରସ୍ପର ଘରକୁ ଯାଇ ପିଠା, ମିଠା ଓ ପାନ ଖାଇବା କଥା ରହିଛି। ଏବେ ଲୋକମାନଙ୍କ ଭିତରୁ ଧୀରେ ଧୀରେ ସେଗୁଡ଼ିକ କମିଯାଉଥିଲେ ସୁଦ୍ଧା ତଥାପି ଅନେକ ସ୍ଥାନରେ ଏହା ବଜାୟ ରହିଛି। ପର୍ବର ମୁଖ୍ୟ ଆକର୍ଷଣ ଗାଁ ତୋଟାରେ ପଟା ଦୋଳି ଓ ବାଗୁଡ଼ି ଖେଳ ହୋଇଥିବାବେଳେ ଏହାର ସ୍ଥାନ ଏବେ ନେଇଛି ଏକକ ସ୍ଥାନରେ ସମବେତ ରଜ ଉତ୍ସବ ପାଳନ। ଯେଉଁଠି ଆଧୁନିକ ଦୋଳି ସହିତ ଖିଲି ପାନ ଓ ରଜ ସୁନ୍ଦରୀ ପ୍ରତିଯୋଗିତାକୁ ଲୋକେ ବେଶ୍ ଉପଭୋଗ କରୁଛନ୍ତି। ଏହା ସତ୍ତ୍ୱେ ପଟା ଦୋଳିର ଆଦର କମିନାହିଁ। ଗାଁ ତୋଟା ଓ ବାଡ଼ିବଗିଚାରେ ଥିବା ବଡ଼ ବଡ଼ ବୃକ୍ଷମାନଙ୍କର ଦୋଳି ଲାଗିଥିବାବେଳେ ସେଠାରେ ଛୋଟ ଛୋଟ ପିଲା ଓ କୁମାରୀମାନଙ୍କ ସମାଗମ ପରିଲକ୍ଷିତ ହୋଇଛି। ଗ୍ରାମ୍ୟ ବଜାର ଗାଁ ଗହଳି ଛକ ଦୋକାନଗୁଡ଼ିକରେ ମଧ୍ୟ ତାସ୍ ଖେଳର ଚିତ୍ର ଦେଖିବାକୁ ମିଳିଛି। ସେ ଯାହା ବି ହେଉ ମୋଟାମୋଟି ଭାବେ ରଜ ଉତ୍ସବ ପାଳନ ପାଇଁ ପ୍ରତ୍ୟେକଙ୍କ ମଧ୍ୟରେ ଏକ ନିଆରା ଉତ୍ସାହ ଉଦ୍ଦୀପନା ଭରିଯାଇଥିଲା। ଉତ୍ସବର ଶେଷ ଦିବସ ଅନ୍ତିମ ପର୍ଯ୍ୟାୟରେ କେତେକ ସ୍ଥାନରେ ବର୍ଷା ହୋଇଛି। ଯାହାକି ପର୍ବର ମାହୋଲକୁ ରମଣୀୟ କରିଛି। ବ୍ଲକ୍ ଅଞ୍ଚଳର ବିଷ୍ଣୁପୁରଠାରୁ ଆରମ୍ଭ କରି ବାରିକପୁର, ନେରଡ଼ା, ମାଳଦା, ଷୋଳମପୁର, ନପଙ୍ଗ, ନିର୍ଗୁଣ୍ଡି, ଜଳମଣ୍ଡୁଆ, ଆଖୁଆପଦା, ଝୁଟଣା, ରହଣିଆ, କୁଲଣା, ରାଜେନ୍ଦ୍ରପୁର, ରାଢୋ, ବାଲିପୋଖରୀ, ମଣୀନାଥପୁର, ମଞ୍ଜୁରୀରୋଡ୍, ଜଗନ୍ନାଥ ପ୍ରସାଦ, କୋରିଗାଁ, ସରସଦା, ରହଣିଆ, ରଣଜିତ୍, ଦକ୍ଷିଣବାଡ଼ ପ୍ରମୁଖ ସ୍ଥାନରେ ରଜ ପର୍ବ ମହାସମାରୋହରେ ପାଳିତ ହୋଇଛି।

## ପହିଲି ରଜ ବନ୍ଧୁ ମିଳନ ଓ କର୍ମୀ ବୈଠକ

ବାରିକପୁର,୧୬।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ରହଣିଆ ପଞ୍ଚାୟତ ଆକୁଳିକଣା ନିକଟସ୍ଥ ବରୁଣେଶ୍ୱର ପୀଠରେ ବିଜେପି ପକ୍ଷରୁ ପହିଲି ରଜ ବନ୍ଧୁ ମିଳନ ଓ କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ଦେବେନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଦ କୁମାର ସାହୁ ଯୋଗଦେଇଥିଲେ। ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପର୍କରେ ବିଭିନ୍ନ ଆଲୋଚନା କରିଥିବାବେଳେ ତୃଣମୂଳସ୍ତରରେ ଲୋକମାନଙ୍କ ପାଇଁ କାମ କରିବାକୁ ଶ୍ରୀ ସାହୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ରଞ୍ଜନ ପରିଡ଼ା, ପଞ୍ଚାୟତ ସଭାପତି ବିଜୟ ସେନାପତି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା ବିଜୟଲକ୍ଷ୍ମୀ ଧଳ, ବରିଷ୍ଠ ନେତା ରାମ ଚନ୍ଦ୍ର ରାଉତ, ଭୀମସେନ ନାୟକ, ଉମାକାନ୍ତ ସାମଲ, ପରମାନନ୍ଦ ସାମଲ, ସତ୍ୟଜିତ୍ ରାଉତ, ପ୍ରଭାସ ରଞ୍ଜନ ରାଉତ, ସୁଶାନ୍ତ ସାମଲ, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସଂଗଠନ ବିଷୟରେ ବିଭିନ୍ନ ଆଲୋଚନା କରିଥିଲେ। ଏଥିରେ ୧ ଓ ୨ ନମ୍ବର ୱାର୍ଡର ସମସ୍ତ କର୍ମୀ ଯୋଗଦେଇଥିବା ବେଳେ ଯୁବ ନେତା ଶିବାନୀ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବେସିନ୍ ପାଲଟିଛି ଆବର୍ଜନା କୁଣ୍ଡ

ବାରିକପୁର,୧୬।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପରିସରରେ ପାନୀୟ ଜଳ ପାଇଁ ନିର୍ମିତ ହୋଇଥିବା ଭିତ୍ତିଭୂମିଗୁଡ଼ିକ ପରିତ୍ୟକ୍ତ ହୋଇପଡ଼ିଛି। ଗତ ୩/୪ ବର୍ଷ ମଧ୍ୟରେ



ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇ ଶୌଚାଳୟ ଓ ପାନୀୟ ଜଳ ସକାଶେ ନୂତନ ନିର୍ମାଣ କାର୍ଯ୍ୟ ହୋଇଥିଲା। ନୂଆ ପାଣି ଟାଙ୍କି ବସିବା ସହିତ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ବ୍ୟବସ୍ଥା ତିଆରି ହୋଇଥିଲା। ଏହାଛଡ଼ା କେତେକ ସ୍ଥାନରେ ବେସିନ୍ ଲଗାଯାଇଥିଲା। ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗରେ ଏଭଳି ନିର୍ମାଣ ହୋଇଥିବା ଦେଖାଯାଇଥିଲା। ପରିତାପର ବିଷୟ ନିର୍ମାଣର ଅଳ୍ପ କେତେ ମାସ ଯାଏ ସବୁ ଠିକ୍‌ଠାକ୍ ଚାଲିଥିବାବେଳେ ଏବେ ସେଗୁଡ଼ିକ ଜରାଜୀର୍ଣ୍ଣ ହୋଇ ପଡ଼ିରହିଛି। ଟାଙ୍କିରେ ଆଉ ପାଣି ଗଚ୍ଛିତ ରହୁ ନାହିଁ କି ପାଇପ୍ ଯୋଗେ ପାନୀୟ ଜଳ ଆସୁନାହିଁ। ଲାଗିଥିବା ବେସିନ୍‌ରେ ଅଳିଆ ଆବର୍ଜନା କୁଢ଼ ହୋଇଯାଇଛି। କେବଳ ବିଡିଓଙ୍କ ପ୍ରକୋଷ୍ଠକୁ ଛାଡ଼ି ଆଉ କେଉଁ ବିଭାଗରେ ବି ପାନୀୟ ଜଳ ବ୍ୟବସ୍ଥା କାମ କରୁନାହିଁ। ସବୁଠୁ ମିଶନ ଶକ୍ତି ଓ ମହିଳା ଶିଶୁ ବିକାଶ ବିଭାଗରେ ନିର୍ମିତ ହୋଇଥିବା ପାନୀୟ ଜଳ ଭିତ୍ତିଭୂମି ଅଧିକ ଖରାପ ହୋଇଛି। ଏହା ସହିତ ସ୍ୱଚ୍ଛତା ପାଇଁ ଉଦ୍ଦିଷ୍ଟ ଶୌଚାଳୟ କଥା ନ କହିବା ଭଲ। ସରକାର ଏ ଦିଗରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ପ୍ରଶାସନର ଅପାରଗତା ଯୋଗୁଁ ବ୍ଲକ୍ କାର୍ଯ୍ୟାଳୟକୁ ଦୈନିକ ଆସୁଥିବା ଲୋକେ ସର୍ବନିମ୍ନ ପାନୀୟ ଜଳ ଟୋପେ ପାଇବାରୁ ବଞ୍ଚିତ ହେଉଛନ୍ତି।

## ଭଲିବଲ ଟୁର୍ଣ୍ଣାମେଣ୍ଟ: ଧାମନଗର ଚାମ୍ପିଅନ

ବାରିକପୁର,୧୬।୬(ସମିସ): ରଜ ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍ ମଣିନାଥପୁରଠାରେ ଏକ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ଧାମନଗର ଦଳ ଝୁମ୍ପୁରି ଦଳକୁ ହରାଇ ୨-୦ ସେଟ୍‌ରେ ଚାମ୍ପିଅନ ହୋଇଛି। ଆୟୋଜକ କମିଟି ପକ୍ଷରୁ ଉଭୟ ଦଳକୁ ପୁରସ୍କାର ପ୍ରଦାନ କରାଯାଇଛି। ପ୍ରତିଯୋଗିତାକୁ ଦାଶରଥୀ ବେଉରିଆ ଓ ବାସୁଦେବ ସାହୁ ଆୟୋଜନ କରିଥିଲେ। ଲାଲୁ ପ୍ରସାଦ ସେଠୀ ମୁଖ୍ୟ ରେଫରୀ, ଜଗନ୍ନାଥ ସାହୁ ଓ ବିଶ୍ୱମ୍ବର ସାହୁ ସ୍କୋରର୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସଦସ୍ୟ ସୌମରଞ୍ଜନ ମହାରଣା, ସିତେଶ ବେହେରା, ବିଶ୍ୱରଞ୍ଜନ ବିଶ୍ୱାଳ, ପିଣ୍ଟୁ କୁମାର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏଥିରେ ୬ଟି ଭଲିବଲ ଦଳ ଭାଗ ନେଇଥିଲେ।

## ସଂଗ୍ରାମୀ କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ୧୪୧ତମ ଜୟନ୍ତୀ



ଭଦ୍ରକ,୧୬।୬(ସମିସ): ଗୋଡ଼ିପଦା ପ୍ରଜା ଆନ୍ଦୋଳନର ମୁଖ୍ୟ ପୁରୋଧା କୃଷ୍ଣଚନ୍ଦ୍ର ପରିଡ଼ାଙ୍କ ୧୪୧ତମ ଜୟନ୍ତୀ ନବଯୁଗ ଜନକଲ୍ୟାଣ ପରିଷଦ ଆନୁକୂଲ୍ୟରେ ମଉସୁଧା ବଜାରଠାରେ ସୋମବାର ପାଳିତ ହୋଇଛି। ଏହି ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶମ୍ଭୁନାଥ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଓ ଶିକ୍ଷକ ନେତା କାଳୀପ୍ରସାଦ ନାୟକ ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ରାଜ୍ୟ ଖାଉଟି ସମବାୟ ମହାସଂଘ ସଭାପତି ପ୍ରତାପ ଚନ୍ଦ୍ର ଧଳ, ବରିଷ୍ଠ ଭାଜପା ନେତା କାହ୍ନୁଚରଣ ବେହେରା, କଂଗ୍ରେସ ନେତା ଦିଗମ୍ବର ଦାସ, ସାହିତ୍ୟିକ ଇଂ. ଅଭୟ ସୂତାର, ରାଉରକେଲା ଧାମରା ସଂଘ ସଭାପତି ପ୍ରଶାନ୍ତ ବେହେରା, ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ, ନବଯୁଗ ଜନକଲ୍ୟାଣ ପରିଷଦର ସଭାପତି ଚକ୍ରଧର ବିଶ୍ୱାଳ ଓ ସମ୍ପାଦକ ଇଂ. ମୁରଲୀଧର ପରିଡ଼ା, ଚାନ୍ଦବାଲି ବିକାଶ ପରିଷଦର ସଭାପତି ନିରୋଦ ରାଉତ, ସରପଞ୍ଚଙ୍କ ପ୍ରତିନିଧି ସୁଶାନ୍ତ ପୁହାଣ ପ୍ରମୁଖ ଅତିଥି ଭାବରେ ଯୋଗଦେଇ କୃଷ୍ଣଚନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ଘଣ୍ଟେଶ୍ୱର ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ ପରିଡ଼ା ସ୍ୱାଗତ ଭାଷଣ, ସୁଶାନ୍ତ ମଲ୍ଲିକ ଅତିଥି ପରିଚୟ ଓ ଉପେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗବେଷକ ବଂଶୀଧର ଭୋଇ, କୃତୀ ଛାତ୍ରୀ ସରିତା ନାୟକ ଓ କୃତୀ ଛାତ୍ର ସୁଗମ ପ୍ରିୟଦର୍ଶନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାଧୁଚରଣ ନାୟକ, ମହେଶ୍ୱର ବଳ, ନରେନ୍ଦ୍ର ବିଶ୍ୱାଳ, ସୁରେନ୍ଦ୍ର ବେହେରା, ମଳୟ ଭୋଇ, ବ୍ରହ୍ମାନନ୍ଦ ପରିଡ଼ା, ବିକାଶ ନାଥ ପ୍ରମୁଖ ଯୋଗଦେଇଥିଲେ।

## ପରଲୋକରେ ବାଇଧର ସାର୍

ବାରିକପୁର,୧୬।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସମ୍ପାଦକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାଇଧର ସ୍ୱାଇଁଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ ରବିବାର ସକାଳ ପ୍ରାୟ ୬ଟା ବେଳେ ବାଇଧର ସାର୍ ରାଜେନ୍ଦ୍ରପୁରସ୍ଥିତ ନିଜ ବାସଭବନରେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ବ୍ଲକ୍ କଂଗ୍ରେସ ସଭାପତି ଅଜୟ କୁମାର ସାହୁ, ବିଜେଡି ନେତା ବିନୋଦ ରାଉତ, ପ୍ରସନ୍ନ ସାହୁ, ଅବସରପ୍ରାପ୍ତ ଶିକ୍ଷକ



ଶ୍ରୀପତି ଜେନା, ମଧୁସୂଦନ ଜେନା, ସାହିତ୍ୟିକ ପ୍ରକାଶ ମହାପାତ୍ର, ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅଶୋକ ରାଉତ, ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସମେତ ଅନେକ ଶିକ୍ଷକ ଓ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତା ବାସଭବନରେ ପହଞ୍ଚି ପାର୍ଥିବ ଶରୀରର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାରି ଅଗଣାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ବ୍ରଜମୋହନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ

### ଆଖଣ୍ଡଳମଣିଙ୍କ ମନ୍ଦିରରେ ପୁଣି ପ୍ରଶାସନିକ ଅବ୍ୟବସ୍ଥା

# ଉହଡହ ଖରାରେ ୫ ଘଣ୍ଟା ଧାଡ଼ିରେ ସିଝିଲେ ଭକ୍ତ

ଭଦ୍ରକ/ଆରଡ଼ି,୧୬।୬(ସମିସ)

ରଜ ସଂକ୍ରାନ୍ତି ଅବସରରେ ଆରଡ଼ି ପୀଠରେ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଗତ ସୋମବାର ଲକ୍ଷାଧିକ ଭକ୍ତଙ୍କ ଭିଡ଼ ଜମିଥିଲା। ହେଲେ ପ୍ରଶାସନିକ ଅବ୍ୟବସ୍ଥା ଯୋଗୁଁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିଲେ। ଏପରି ସ୍ଥିତି ଉପୁଜିଲା ଯେ, ବାବାଙ୍କ

- ■ ବ୍ୟାରିକେଡ୍ ନ ଥିବାରୁ ବାବାଙ୍କ ଦର୍ଶନରେ ବିଳମ୍ବ
- ■ ଭକ୍ତଙ୍କ ମଧ୍ୟରେ ଘୋର୍ ଅସନ୍ତୋଷ




ଦର୍ଶନ ନ ପାଇ ଅଧାବାଟରୁ ଫେରିଯାଇଥିଲେ ବହୁ ସଂଖ୍ୟକ ଭକ୍ତ। ଏତେ ପରେ ବି ଚେତିଲାନି ମନ୍ଦିର ଓ ଜିଲ୍ଲା ପ୍ରଶାସନ। ଯାହାକି ମଙ୍ଗଳବାର ମଧ୍ୟ ସମାନ ପରିସ୍ଥିତି ଉପୁଜିଥିଲା ମନ୍ଦିର ପରିସରରେ। ଆରଡ଼ି ପୀଠକୁ ବାବାଙ୍କ ଦର୍ଶନ ପାଇଁ ଆସିଥିବା ହଜାର ହଜାର ଭକ୍ତ ଉହଡହ ଖରାରେ ଧାଡ଼ିରେ ଦୀର୍ଘ ୫ ଘଣ୍ଟା ଧରି ରହିବା ସହ ବାବାଙ୍କୁ ଦର୍ଶନ କରିଥିଲେ। ଏପରିକି ବ୍ୟାରିକେଡ୍ ଓ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏକତ୍ରିତ ଭାବେ ପୁରୁଷ ଓ ମହିଳା ଭକ୍ତ ଦର୍ଶନ ପାଇଁ ମନ୍ଦିର ଭିତରକୁ ଯିବାରୁ ଠେଲାପେଲା ପରିସ୍ଥିତି ଉପୁଜିଥିଲା। ଏହାସହ ପାଦଚଲା ଦର୍ଶନ ପଥରେ ନା ଥିଲା ଛାଉଣି ବ୍ୟବସ୍ଥା ନା ଚଟାଣରେ ବିଛାଯାଇଥିଲା ମ୍ୟାଟ୍। ଫଳରେ ଉହଡହ ଖରାରେ ବୟସ୍କ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି ଛୋଟ ପିଲା ସିଝିଥିଲେ। ଏପରିକି ପାନୀୟଜଳ ବ୍ୟବସ୍ଥା ନ ଥିବାରୁ ଡହଳବିକଳ ହୋଇଥିଲେ ଆଗନ୍ତୁକ ଭକ୍ତ। ଏପରି ସମସ୍ୟା ବାବଦରେ ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇଙ୍କୁ ପଚାରିବାରୁ, ଏତେ ସଂଖ୍ୟକ ଭକ୍ତ ହେବେ ବୋଲି ଜଣା ନ ଥିଲା। ତେଣୁ କିଛି ବ୍ୟବସ୍ଥା ହୋଇପାରିନାହିଁ। ହେଲେ ଏପଟେ ପ୍ରଶାସନ ଉପରେ ଆଗନ୍ତୁକ ଭକ୍ତ ଅସନ୍ତୋଷ ପ୍ରକାଶ କରିଥିଲେ।

